ସକାଳ THE SAKALA



## ହୀରାକୁଦ ଜଳ ଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ସୁଅ

# ୧୮ ଜାନୁଆରୀରୁ ଗଣନା

**ସମ୍ବଲପୁର, ୨୧।୧୨(ସମିସ)**

ଶୀତ ଆସିଲେ ହୀରାକୁଦ ଜଳଭଣ୍ଡାରକୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିଥାଏ। ଚଳିତ ବର୍ଷ ମଧ୍ୟ ଜଳଭଣ୍ଡାରରେ ୟୁରୋପ ଆମେରିକ ଓ ଅନ୍ୟ ଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ଚାରି ପ୍ରକାରର ଟର୍ନସ୍, ବାର୍ ହେଡ୍ ଗୋସ୍, ଟୁଫଟେଡ୍ ଡକ୍, ବିଭିନ୍ନ ପୋଚାର୍ଡ, ହ୍ୱିସିଲ୍ ଡକ୍, ସ୍ୟାଣ୍ଡପାଇପର, ଉତ୍ତର ପିଣ୍ଟେଲ୍ ଇତ୍ୟାଦି ପକ୍ଷୀ ଦେଖିବାକୁ ମିଳିଛି। ଦିନରେ ତାପମାତ୍ରା ୨୦ ରୁ ୨୬ ଡିଗ୍ରୀ ମଧ୍ୟରେ ରହିଥିବା ବେଳେ ରାତିର ତାପମାତ୍ରା ୧୦ ଡିଗ୍ରୀକୁ ଖସିଯାଉଛି। ପ୍ରତ୍ୟେକ ବର୍ଷ ନଭେମ୍ବର ମଧ୍ୟ ଭାଗରୁ ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ଏହି ପକ୍ଷୀମାନେ ହୀରାକୁଦ ଜଳ ଭଣ୍ଡାରର ଘର ବସାନ୍ତି। ଆଉ ଏହାର କାରଣ ହେଉଛି ଏମାନଙ୍କୁ ସୁହାଉଥିବା ଏଠାକାର ଜଳବାୟୁ ପ୍ରଚୁର ପରିମାଣର ଖାଦ୍ୟ ଉପଲବ୍ଧତା, ତାପମାତ୍ରା। ଏଭଳି ପରିବେଶ ଏମାନଙ୍କୁ ଅଣ୍ଡାଦାନ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଏମାନେ ଏଠାକୁ ଆସନ୍ତି ବୋଲି ପକ୍ଷୀ ବିଶେଷଜ୍ଞମାନେ କୁହନ୍ତି। ଚଳିତ ବର୍ଷ ପକ୍ଷୀ ଜନଗଣନା ୧୮ ଜାନୁଆରୀରୁ ଆରମ୍ଭ ହେବ। ଏହି ବର୍ଷ ରୁଫ୍ ପକ୍ଷୀ ନୂତନ ଭାବେ ଜଳଭଣ୍ଡାରରେ ଦେଖିବାକୁ ମିଳିଛି। ରୁଫସ୍



ମୁଖ୍ୟତଃ ୟୁରାସିଆରୁ ଭାରତକୁ ଆସିଥାନ୍ତି। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷାକୁ ନଜରରେ ରଖି ହୀରାକୁଦ ବନ ବିଭାଗ ବିଶେଷ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ସନ୍ଧ୍ୟା ୬ ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ କ୍ରୁଜ୍ ଡଙ୍ଗା ଏବଂ ମତ୍ସ୍ୟଜୀବୀ ଡଙ୍ଗାର ଜଳଭଣ୍ଡାରରେ ନିଷେଧ ରହିଛି। ହୀରାକୁଦର ଉପକୂଳ, ଖାଲ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସାଧାରଣ ମଣିଷଙ୍କୁ ଯିବା ପାଇଁ ବାରଣ ରହିଛି। ପକ୍ଷୀ ମଣ୍ଡଳୀଗୁଡ଼ିକୁ ପ୍ଲାଷ୍ଟିକରୁ ମୁକ୍ତ କରିବା ପାଇଁ ୨୦୨୨ ପରଠାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପକ୍ଷୀଗ୍ରାମ ଗୋବିନ୍ଦପୁର ଏବଂ ସୁବଜ ଗ୍ରାମ ଧୋଡ୍ରୋକୁସୁମ ଗ୍ରାମବାସୀ ପ୍ଲାଷ୍ଟିକ୍ ଅଭିଯାନ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ (୨୦୨୪)ରେ ୧୧୨ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୩୯ ପକ୍ଷୀଙ୍କ ସୁଅ ଛୁଟିଥିଲା। ସେହିପରି ୨୦୨୦ ମସିହାରେ

### ୟୁରେସିଆର ରୁଫ ପ୍ରଥମ ଥର ଆସିଛି

୯୩ ପ୍ରଜାତିର ୯୭ହଜାର ୮୯୯ ପକ୍ଷୀ ଆସିଥିବା ବେଳେ ୨୦୨୧ ମସିହାରେ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ଆଉ ଗତବର୍ଷ ଉଭୟ ପ୍ରଜାତି ଏବଂ ସଂଖ୍ୟା ବି ବଢ଼ିଥିଲା। ୨୦୨୩ରେ ୧୦୮ ପ୍ରଜାତିର ମୋଟ୍ ୩ ଲକ୍ଷ ୧୬ ହଜାର ଟପିଥିଲା। ତେବେ, ଚଳିତବର୍ଷ ମଧ୍ୟ ଏହି ସଂଖ୍ୟା ବଢ଼ିଥିବା ଅନୁମାନ ନେଇ ବନବିଭାଗ ଅନୁମାନ କରୁଛି।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଉର୍ଜା ମେଳା

# ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



**ସମ୍ବଲପୁର, ୨୧।୧୨(ସମିସ):** ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଉର୍ଜା ମେଳା ଆୟୋଜିତ ହୋଇଯାଇଛି। ସମ୍ବଲପୁର ସହରସ୍ଥିତ ଗୁରୁ ନାନକ ପବ୍ଲିକ୍ ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ସହର ୨୫ଟି ବିଦ୍ୟାଳୟରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରି ଏବଂ ଶକ୍ତି ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରି ସ୍ଥାୟିତ୍ୱ ଏବଂ ସବୁଜ ନବସୃଜନକୁ ପ୍ରୋତ୍ସାହିତ କରିବାର ମୂଳ ଲକ୍ଷ୍ୟ ରହିଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ.ଏସ୍.ଏନ୍. ନନ୍ଦ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଭଳି ବିବିଧ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରଦର୍ଶନୀ, କୁଇଜ୍, ଡ୍ରଇଂ, ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବୁର୍ଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀ ଶକ୍ତି ସଂରକ୍ଷଣ ଉପରେ ଆକର୍ଷଣୀୟ କଳା ପ୍ରଦର୍ଶନ କରିଥିଲେ। ପରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ କମ୍ପାନୀ ପକ୍ଷରୁ ବ୍ରେଲ୍ ସ୍ଲେଟ୍, ଅଡିଓ ଡିଭାଇସ୍, ଲୁଡୋ ଟେବୁଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# 'ଓଡ଼ିଆ ସାହିତ୍ୟରେ ନାରୀବାଦୀ ଚେତନା' ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୨୧।୧୨(ସମିସ):** କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ସହଯୋଗରେ 'ଓଡ଼ିଆ ସାହିତ୍ୟରେ ନାରୀବାଦୀ ଚେତନା'



ଶୀର୍ଷକ ଆଲୋଚନାଚକ୍ର ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ଡ. ମନୋଜ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ନାରୀବାଦୀ ଚେତନାର ବିଭିନ୍ନ ଦିଗ ସମ୍ପର୍କରେ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଡ.ନିରୁପମା ବଡ଼ପଣ୍ଡା, ଡ.ଲିପିକା ମିଶ୍ର, ଡ.ସଂଘମିତ୍ରା ମିଶ୍ର ଓ କବି ସରୋଜ ମହାନ୍ତି ଆଲୋଚକ ଭାବରେ ଯୋଗଦାନ କରିଥିଲେ। ନାରୀବାଦର ଉଦ୍ଦେଶ୍ୟ ହେଉଛି ବୈଷମ୍ୟ ବିହୀନ ସମାଜ ଗଠନ ଓ ନିଷ୍ପତ୍ତି ନେବାରେ ନାରୀର ସ୍ୱାଧୀନତା ସହ ଆର୍ଥନୀତିକ, ସାମାଜିକ ସମାନତା ଏହାର ଅନ୍ୟତମ ବୈଶିଷ୍ଟ୍ୟ ବୋଲି ଡ. ବଡପଣ୍ଡା ମତବ୍ୟକ୍ତ କରିଥିଲେ। ଡ.ଲିପିକା ମିଶ୍ର ପ୍ରାଚୀନ ବୈଦିକ କାଳର ମାତୃକେନ୍ଦ୍ରିକ ପରିବାର କାଳର କରାଳ ଗତିରେ ପିତୃକେନ୍ଦ୍ରିକ ପରିବାରରେ ପରିଣତ ହୋଇଛି। ଏହା ସହିତ ନାରୀବାଦୀ ଆନ୍ଦୋଳନ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ ସଂଘମିତ୍ରା ମିଶ୍ର ଓଡ଼ିଆ ନାରୀ ଲେଖିକାଙ୍କ ଉପନ୍ୟାସରେ ନାରୀବାଦର ସ୍ୱର ସମ୍ପର୍କ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚକ ସରୋଜ ମହାନ୍ତି ଆଚରଣ ଓ ଉଚ୍ଚାରଣର ଭିନ୍ନତା ଆଜିର ନାରୀବାଦୀ ସାହିତ୍ୟର ସବୁଠାରୁ ବଡ ବିରୋଧାଭାସ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ରାଜଶ୍ରୀ ବରାଳ ସଭାପତି ଅଭିଭାଷଣରେ ସମାଜର ପ୍ରଗତି ପାଇଁ ପୁରୁଷ ନାରୀର ସମକକ୍ଷ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗୃହମନ୍ତ୍ରୀଙ୍କ ଉସ୍ତଫା ଦାବିକଲା ଆପ୍

**ସମ୍ବଲପୁର, ୨୧।୧୨(ସମିସ):** ସମ୍ବିଧାନର ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ବିଷୟରେ ଅରୁଚିକର ମନ୍ତବ୍ୟ ଦେଇଥିବାରୁ ଗୃହମନ୍ତ୍ରୀ ଅମିତ୍ ସାହାଙ୍କ ଇସ୍ତଫା ଦାବି କରିଛି ସମ୍ବଲପୁର ଜିଲ୍ଲା ଆମ୍ ଆଦମୀ ପାର୍ଟି। ଏନେଇ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଟିପ୍ପଣୀ କୋଟି କୋଟି ଭାରତୀୟଙ୍କ ଭାବାବେଗକୁ କୁଠାରାଘାତ କରିଛି। ଏଭଳି ଏକ ଦୁର୍ବିସହ ଘଟଣାକ୍ରମରେ ବାବା ସାହେବଙ୍କ ପ୍ରଣୀତ ସମ୍ବିଧାନ ମାଧ୍ୟମରେ ଅଧିକାରୀ ଓ ସମ୍ମାନର ହକଦାର ହୋଇଥିବା ସମାଜର ଅନ୍ତିମ ସୋପାନର ବ୍ୟକ୍ତିଙ୍କୁ ବିଶେଷକରି ଗଭୀର ମାନସିକ ଦୁସ୍ଥିତି ମଧ୍ୟକୁ ଠେଲି ଦେଇଛି। ତେଣୁ ସେ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଆମ୍ ଆଦମୀ ପାର୍ଟିର୍ ଦାବି କରିଛି। ଏହି ସମୟରେ ବୀର କିଶୋର ଭୋଇସାଗ. ବୀରେନ୍ଦ୍ର ପାଣିଗ୍ରାହୀ, ଭୁପେନ ସାହୁ, ସଚିଦାନନ୍ଦ ପଟେଲ, ପ୍ରମୁଖ ଉପସ୍ଥିତ ଥିଲେ।



# ଲୋକ ମହୋତ୍ସବ ଆୟୋଜନ ନେଇ ସମୀକ୍ଷା ବୈଠକ



**ସମ୍ବଲପୁର, ୨୧।୧୨(ସମିସ):** ଆସନ୍ତା ଜାନୁଆରୀ ୪ ତାରିଖରୁ ସମ୍ବଲପୁର ଲୋକ ମହୋତ୍ସବ ଆୟୋଜିତ ହେବ। ଏନେଇ ଶନିବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମସ୍ତ କମିଟି ନିଜର ବଜେଟ ଏବଂ କାର୍ଯ୍ୟକ୍ରମ ଆୟୋଜନରେ ଅଗ୍ରଗତି ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଉତ୍ସବ ପାଇଁ ଆସନ୍ତା ରବିବାର ଦିନ ଉଦ୍‌ଘୋଷକ ଓ ଉଦଘୋଷିକା ଚୟନ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ଉଦଘୋଷକ କମିଟି ସୂଚନା ଦେଇଥିଲେ। ସେହିପରି ଡିସେମ୍ବର ୨୫ ତାରିଖରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚିତ୍ର କର୍ମଶାଳା ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଲୋକ ମହୋତ୍ସବ ପ୍ରଦର୍ଶନୀରେ ରଙ୍ଗୋଲୀ ଏବଂ ଝୋଟି ମଧ୍ୟ ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ବିଭିନ୍ନ କମିଟି ନିଜର ଯୋଜନା ଉପସ୍ଥାପନ କରି ଆବଶ୍ୟକ ପରିବର୍ତ୍ତନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହି ଅବସରରେ ଲୋକ ମହୋତ୍ସବ ପାଇଁ ଅତିଥିଙ୍କ ଦ୍ୱାରା ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ବୈଠକରେ ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ଉପଜିଲ୍ଲାପାଳ ଡ.ପୁଷ୍ପାଞ୍ଜଳି ପଣ୍ଡା, ଜିଲା କ୍ରୀଡା ଅଧିକାରୀ ସତ୍ୟ ନାରାୟଣ ତାଣ୍ଡି, ଲୋକ ମହୋତ୍ସବ ୨୦୨୫ର ସଂଯୋଜକ ପ୍ରଫୁଲ୍ଲ ହୋତାଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୁଚିଣ୍ଡାରେ ମେରୁ ମହୋତ୍ସବ

**କୁଚିଣ୍ଡା, ୨୧।୧୨(ସମିସ):** କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ମେରୁ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ମନ୍ଦିର ଛକ ଜଗନ୍ନାଥ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥବା ଶତାଧିକ କଳାକାରଙ୍କୁ ନେଇ କୁଚିଣ୍ଡା ମୁକୁନ୍ଦି ଖେଳ ପଡ଼ିଆରେ ପହଞ୍ଚି ଥଲା। ପରେ ପଡ଼ିଆରେ ମେରୁ ମହୋତ୍ସବ ମଞ୍ଚ ପୂଜା, ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଦ୍ୱାରା ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସନ୍ଧ୍ୟାରେ କୁଚିଣ୍ଡା ଉପଜିଲ୍ଲାପାଳ ଗୌରବ ମୟ ପ୍ରଧାନ ଯୋଗଦେଇ କଳାକାରଙ୍କୁ ପୁରସ୍କୃତ କରିଥଲେ। ଆଗାମୀ ଦିନରେ କୁଚିଣ୍ଡା ଅଞ୍ଚଳରେ କଳା ଓ କଳାକାରଙ୍କ ଉନ୍ନତି ପାଇଁ ଯଥା ସମ୍ଭବ ପ୍ରଶାସନିକ ପ୍ରୟାସ କରିବକ୍ଷକୁ କହିଥିଲେ। ମଞ୍ଚରେ ଅଭୟ ଆର୍ଟ ଏକାଡେମୀର ଚେୟାରମ୍ୟାନ୍ ପଙ୍କଜିନି ସାହୁ ଓ ବିଶିଷ୍ଟ ନୃତ୍ୟଶିଳ୍ପୀ ରିଙ୍କୁ ସାହୁ ଆସନ୍ତା ରବିବାର ଦିନ କୁଚିଣ୍ଡା ଜନସାଧାରଣଙ୍କୁ ମେରୁ ମହୋତ୍ସବର ଶେଷ ଦିନକୁ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭବିଷ୍ୟତରେ କୁଚିଣ୍ଡା ମାଟିର ଅନେକ କଳାକାର ବିଶ୍ୱସ୍ତରରେ କୁଚିଣ୍ଡାକୁ ଗର୍ବିତ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ସମ୍ବଲପୁର, ୨୧।୧୨ (ସମିସ):** ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ, କୃଷକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଛି। ୨୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ



ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର କମିଶନର ବେଦଭୂଷଣ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ ଜେନା, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପୁରୁଷୋତ୍ତମ ମିଶ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ ଦିପ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହିମାଂଶୁ ଶେଖର ସାହୁ, କୃଷି ମହାବିଦ୍ୟାଳୟ ଡିନ ଡ.କୈଳାଶ ଚନ୍ଦ୍ର ସାମଲ, କୃଷି ନିର୍ବାହୀଯନ୍ତ୍ରୀ ଅଭିମନ୍ୟୁ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ମିଶ୍ର କେବଳ ଧାନ ଚାଷରେ ସୀମିତ ନରହି ଅନ୍ୟ ଶସ୍ୟ, ପନିପରିବା ଚାଷ, ପଶୁପାଳନ କ୍ଷେତ୍ରରେ ବ୍ୟାପକ ଉନ୍ନତି କରି ଅର୍ଥନୀତିକୁ ସୃଦୃଢ କରିବାକୁ କହିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର କୃଷିରେ ଆଧୁନିକ ଯାନ୍ତ୍ରୀକରଣର ଏବଂ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା କୃଷି ଉପରେ ଆଧାରିତ ବହୁମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସରକାର ମେଳା ଆୟୋଜନ କରି କୃଷକମାନଙ୍କ ମଧ୍ୟରେ ଚାଷ ଯାନ୍ତ୍ରିକକରଣର ସମସ୍ତ ଯୋଜନା ଉପରେ ସଚେତନତା ସୃଷ୍ଟି କରାଇବା ସହିତ କୃଷି ଯନ୍ତ୍ର ଉତ୍ପାଦନକାରୀଙ୍କୁ, କୃଷକ, କୃଷି ଅନୁସାହାୟକ ବିଭାଗଗୁଡିକୁ ସାଧାରଣ ପ୍ଲାଟଫର୍ମ ଯୋଗାଇଦେବାର ଲକ୍ଷ୍ୟ ରଖିଛି। ମେଳାରେ ପ୍ରାୟ ୯୦ ଟି ଷ୍ଟଲ ଖୋଲା ଯାଇଛି। କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକର ନୀଳାଞ୍ଚଳ ଛୁରିଆ (କୃଷି), ସତ୍ୟନାରାୟଣ ପ୍ରଧାନ (ଉଦ୍ୟାନ କୃଷି), ଶ୍ରୀମତି ମୈଥିଳି ଭୁଏଁ (ସ୍ୱୟଂ ସହାୟକ ଗୋଷ୍ଠୀ), ନରେଶ ନାଏକ (କୃଷକ ସାଥି) ଓ କୁଚିଣ୍ଡା ବ୍ଲକର ସଦାଶିବ ଭୋଇ (କୃଷି ), ଶିବଶଙ୍କର ନାୟକ (ଉଦ୍ୟାନ କୃଷି ), ତୁଷାରକାନ୍ତ ନାଏକ (କୃଷକ ସାଥି), ମା'ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରେଢ଼ାଖୋଲ ବ୍ଲକର ଅଜିତ କୁମାର ବେହେରା (କୃଷକ ସାଥି), ଦେବାଶିଷ ରଣା (ଉଦ୍ୟାନ କୃଷି), ମା' ବୈଷ୍ଣଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦିଲୀପ କୁମାର ମହାକୁଡ଼ (କୃଷି)ଙ୍କୁ ସମ୍ବର୍ଦ୍ଧନ କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କୁଚିଣ୍ଡା, ୨୧।୧୨(ସମିସ) :** କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପରିଚାଳନା କମିଟୀ ଅଧ୍ୟକ୍ଷ ପ୍ରମୋଦ କୁମାର ପଟେଲଙ୍କ ସ୍ୱଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟବକ୍ତା ଶିଶୁବିକାଶ ସମିତିର ଖଗେଶ୍ୱର ଦାସ, ସମ୍ମାନିତ ଅତିଥି କୁଚିଣ୍ଡା ଉପଜିଲ୍ଲାପାଳ ଗୌରବ ମୟ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବିକାଶ ସହ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରି ଶିକ୍ଷାନୁଷ୍ଠାନକୁ ଆଗେଇ ନେଲେ ଛାତ୍ରଛାତ୍ରୀଙ୍କ ବହୁ ଉନ୍ନତି ହେବ। ଶିକ୍ଷକଶିକ୍ଷୟିତ୍ରୀ ଯତ୍ନବାନ ହୋଇ ଉନ୍ନତମାନର ଶିକ୍ଷା ପ୍ରଦାନ କରିବାକୁ ଅତିଥିଗଣ ପରାମର୍ଶ ଦେଇଥିଲେ। ପରିଚାଳନା କମିଟୀ ସମ୍ପାଦକ ଶ୍ରୀକାନ୍ତ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରଶାନ୍ତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ର ଛାତ୍ରୀଙ୍କର ଦ୍ୱାରା ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସହ ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରସାଦ ସିଂଙ୍କ ସମେତ ଗୁରୁଜୀଗୁରୁମା ସମ୍ପାଦନା କରିଥିଲେ।

# ଗୁରୁନାନକ ପବ୍ଲିକ ସ୍କୁଲରେ କୌଶଳ ବିକାଶ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୧।୧୨(ସମିସ):** ଗୁରୁନାନକ୍ ପବ୍ଲିକ ସ୍କୁଲରେ କୌଶଳ ବିକାଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ଶ୍ୟାମ ସୁନ୍ଦର ପ;ନାୟକ ଯୋଗ ଦେଇଥିଲେ। ପ୍ରାଣପଣେ ଚେଷ୍ଟା କରି ତାଙ୍କ ଭିତରେ ଥିବା ପ୍ରତିଭାକୁ ପରିସ୍ଫୁଟ କରିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍କୁଲ ସମ୍ପାଦକ ରଣଜିତ୍ ସିଂ ସାଲୁଜା, ମୁଦିପଡ଼ା ଗୁରୁଦ୍ୱାରା ପ୍ରବନ୍ଧକ କମିଟି ସଭାପତି ଗୁରୁଚରଣ ସିଂ ପୁହି, ସମ୍ପାଦକ ମନଜିତ୍ ସିଂ ସାଲୁଜା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀଦାଶ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ଭାବେ ଭିସୁଟ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଡ.ଝସକେତନ ଭୋଇ, ବୀର ସୁରେନ୍ଦ୍ର ସାଏ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ରଞ୍ଜିତା ବୋଷ, ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈଳଜା ନାୟକ ଏବଂ ଜୟଶ୍ରୀ ଦାସ ଯୋଗ ଦେଇଥିଲେ। ଏଥିରେ ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ, ଇଂରାଜୀ, କମ୍ପ୍ୟୁଟର, ବାଣିଜ୍ୟ, ଚିତ୍ରକଳା, ହସ୍ତଶିଳ୍ପ ଆଦି ବିଭାଗରେ ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଓସୁରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଓସୁ)ରେ ସମସ୍ତ ଅଧ୍ୟାପକଙ୍କ ପାଇଁ ୧୮ରୁ ତିନି ଦିନିଆ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏଲଏମଏସ) ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍କର୍ଷ ଏବଂ ଦକ୍ଷ ପାଠ୍ୟକ୍ରମ ପରିଚାଳନା କରିବା ନେଇ ଅଧ୍ୟାପକଙ୍କ ତାଲିମ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଅଧିବେଶନ ଆରମ୍ଭ ହୋଇଥିଲା। ପରେ ପ୍ରଫେସର ପଟ୍ଟନାୟକ ଏଲଏମଏସର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ପ୍ରଥମ ଦିନରେ ଚେନ୍ନାଇର ଉଲେକ୍ଟ୍ରର ଡ. ସୂର୍ଯ୍ୟ ନାରାୟଣ ମୂର୍ତ୍ତୀ ବୈଷୟିକ ଏବଂ ବ୍ୟବହାରିକ ଉପରେ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ମୂଲ୍ୟାଙ୍କନ ଏବଂ ପ୍ରମାଣପତ୍ର ଅଧିବେଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧ୍ୟାପକମାନେ ଏଲଏମଏସ କାର୍ଯ୍ୟକାରିତା ବିଷୟରେ ନିଜର ବୁଝାମଣା ପ୍ରଦର୍ଶନ କରିଥିଲେ। ଅଂଶଗ୍ରହଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶେଷ ଦିନରେ ଅଗ୍ରୀମ ଉନ୍ନତ ପ୍ରଶିକ୍ଷଣ ଦେବା ନେଇ ତାଲିମ ପ୍ରଦାନ କରାଯାଇଥିଲା। ଅଧ୍ୟାପକଙ୍କୁ ଅନଲାଇନରେ ବିଭିନ୍ନ ପ୍ରକଳ୍ପ ଅପଲୋଡ ସହ କିପରି ପ୍ରଶିକ୍ଷଣ ଦେବେ ସେ ନେଇ ବିଭିନ୍ନ ଉଦାହରଣ ଦେଇ ଶିଖା ଯାଇଥିଲା। ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ମୁଖ୍ୟତଃ ଡିଜିଟାଲ୍ ଶିକ୍ଷା ପ୍ରଦାନର ଉତ୍କର୍ଷତା ପାଇଁ ଏକ ପଦକ୍ଷେପ ରହିଥିଲା।

## ପିଣ୍ଡି ନାଁରେ ପର୍ଯ୍ୟଟକଙ୍କ ଠାରୁ ଟଙ୍କା ଅସୁଲ

# ଜିରୋ ପଏଣ୍ଟ ପ୍ରତି ବିମୁଖ ପର୍ଯ୍ୟଟକ

**ବୁର୍ଲା, ୨୧।୧୨(ସମିସ)**

ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି ସମ୍ବଲପୁର ଜିଲ୍ଲା। ଡିସେମ୍ବର ଓ ଜାନୁଆରୀ ମାସରେ ବୁର୍ଲା ଜିରୋ ପଏଣ୍ଟ ଓ ହୀରାକୁଦ ଜଳଭଣ୍ଡାର ତତ ସନ୍ନିକଟ ଅଞ୍ଚଳକୁ ପ୍ରତିଦିନ ପ୍ରାୟ ୧୦ ହଜାର ପର୍ଯ୍ୟଟକ ଆସିଥାନ୍ତି। ହେଲେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କ ଉତ୍ପାତ ଓ ବଟି ଆଦାୟ ମନୋବୃତ୍ତି ଯୋଗୁଁ ପର୍ଯ୍ୟଟକ ନାକ ଟେକିବା ଆରମ୍ଭ କଲେଣି। ଭିତ୍ତିଭୂମି ଓ ଫଟୋଜେନିକ ଲୋକେସନ ଯୋଗୁଁ କେବଳ ଓଡ଼ିଶା ନୁହେଁ ଛତିଶଗଡ଼ ଓ ଝାଡଖଣ୍ଡର ପର୍ଯ୍ୟଟକ ଆସୁଛନ୍ତି। ହେଲେ କିଛି ଦିନ ହେବ କିଛି ସ୍ଥାନୀୟ ଯୁବ ଗୋଷ୍ଠୀ ପର୍ଯ୍ୟଟକଙ୍କୁ ହଇରାଣ କରିବା ସହ ବଟି ମାଗିବା ଆରମ୍ଭ କରିଥିବାରୁ ପର୍ଯ୍ୟଟକ ନାପସନ୍ଦ କରିବା ଆରମ୍ଭ କଲେଣି। ଯାହା ପର୍ଯ୍ୟଟନର ବିକାଶକୁ ଶକ୍ତ ଧକ୍କା ଦେବା ଏକ ପ୍ରକାର ଇସାରା କରୁଛନ୍ତି। ସୂଚନା ଅନୁସାରେ ବୁର୍ଲା ୱାଟର ସ୍ପୋର୍ଟ ନିକଟକୁ ଦେବଗଡ଼ ଜିଲ୍ଲାର ଏକ ପର୍ଯ୍ୟଟକ ଗୋଷ୍ଠୀ ଆସି ଜାଗା ଖୋଜିବା ଆରମ୍ଭ କରିଥିଲେ। ଭଲ ଜାଗାଟେ ପାଇଲେ ଭୋଜି କରିବା ପାଇଁ ଜାଗା ଖୋଜିଲେ। ତେବେ ଶୁକ୍ରବାର ଥିବା ସବୁ ଜାଗା ବୁକ୍ ରହିଥିବା ପର୍ଯ୍ୟଟକ ଜାଣିବାକୁ ପାଇଲେ। ଜାଗା ତ ବୁକ୍ ଥିଲା ହେଲେ କେହି ପର୍ଯ୍ୟଟକ ନଥିଲେ। ସ୍ଥାନୀୟ କିଛି ଯୁବକ ଭଲ ଭଲ ଜାଗା ଦେଖି ସକାଳୁ ମାଡି ବସିଥିଲେ। ପ୍ରାୟ ୨୦ରୁ ୨୫ ଜଣ ପିଲା ସବୁ ଜାଗାକୁ କବ୍ଜା କରି ରଖିଥିଲେ। ସର୍ତ୍ତ ଥିଲା ପଇସା ଦେଲେ ଜାଗା ଛାଡିବୁ। ତେବେ ପଇସା କେତେ ପଚାରିବାରୁ ଲୋକ ସଂଖ୍ୟା ହିସାବରେ ପଇସା ମାଗିଥିଲେ। ୧୦୦ ଜଣିଆ ପର୍ଯ୍ୟଟକ ଦଳ ପାଇଁ ୩୦୦୦ ହଜାର ଟଙ୍କା, ୫୦ ଜଣିଆ ପର୍ଯ୍ୟଟକ ଦଳ ପାଇଁ ୧୫୦୦ଟଙ୍କା କହିଥିଲେ। ଯେଉଁ ୨୦-୨୫ ଜାଗା ମାଡିବସିଥିଲେ ତାହା ପଇସାରେ ବିକ୍ରି କରୁଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏମାନେ ପ୍ରତିଦିନ ଏମିତି ପିଣ୍ଡି ବିକ୍ରି କରି ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି। ପିକନିକର ଭୋଜିରେ ଯେତିକି ଟଙ୍କା ଖର୍ଚ୍ଚ ହେଉ ନାହିଁ ସେତିକି ଜାଗା ପାଇଁ ଖର୍ଚ୍ଚ ହେଉଥିବାରୁ ଲୋକେ ନାକ ଟେକୁଛନ୍ତି। ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

### ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଜରୁରୀ

## ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନମୋହିଲା ଆସାମର ବିହୁ ଓ ପଶ୍ଚିମବଙ୍ଗର ଛଉ ନୃତ୍ୟ

**ପଦ୍ମପୁର, ୨୧।୧୨ (ସମିସ):**



ପଦ୍ମପୁର ଅଶୋକ ଖେଳପଡ଼ିଆରେ ଟାଉନ କ୍ଲବ ତରଫରୁ ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟାରେ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବିଜେପୁର ବିଧାୟକ ସନତ ଗଡ଼ତିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାଂସ୍କୃତିକ ପର୍ବର ଶୁଭାରମ୍ଭ କରିଛନ୍ତି। କ୍ଲବ ସଭାପତି ପ୍ରୀତେଶ ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମା' ସମଲେଶ୍ୱରୀ ଓ ବାବା ନୃସିଂହନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ। କଣ୍ଠଶିଳ୍ପୀ ପ୍ରତ୍ୟୁଷ ମିଶ୍ରଙ୍କ ଏକ ଭଜନରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଏବଂ ନାଟ୍ୟକାର ଅଶୋକ ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରତାପ ନାଥ,ଟେନେସ ପଣ୍ଡା ଓ ସୁରେଶ ସାହୁ ସହଯୋଗ କରିଥିଲେ। ସଂକୃତିକା ପୁରୋହିତ, ଟ୍ୱିଙ୍କିଲ ପଧାନ, ସୁରଟ ଗୁରୁ ମଞ୍ଚ ଉଦଘୋଷକ ଦାୟିତ୍ୱ ତୁଲାଇଥିଲେ। ଆଜିର ସାଂସ୍କୃତିକ ପର୍ବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ ସହ ଚୁମକୁ ଚୁମା ସାଂସ୍କୃତିକ ଅନୁଷ୍ଠାନ ନିଜର ପାରମ୍ପରିକ ନୃତ୍ୟ , ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଂସ୍କୃତିକ ଦଳ, କଟକ ନଟରାଜ ନୃତ୍ୟ ବିଦ୍ୟାଳୟ ଅନୁଷ୍ଠାନ, ମା' ଅମ୍ବିକା ସାଂସ୍କୃତିକ ଅନୁଷ୍ଠାନ, ଗଜାନନ ସୁନା ଏବଂ ଦଳ, ବଲାଙ୍ଗିର ଢୋଲ ମହୁରି ସାଂସ୍କୃତିକ ଅନୁଷ୍ଠାନ, କୁରେଫୁଲ ଅନୁଷ୍ଠାନ ସାନ ସାହାଯ ବାହାଲ ନିଜର ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ ଓ ଆସାମ ଦଳର ବିହୁ ନୃତ୍ୟ ମଞ୍ଚରେ ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ପାଲଟିଥିଲା। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କଳାକାର ରାଜେଶ ଗୁର୍ଲା, ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁଙ୍କ ସହ ସଂଗୀତ ସମିତି ପଦ୍ମପୁରର ସମସ୍ତ ସଦସ୍ୟ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ। ଟ୍ରାଫିକ ସଚେତନତା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପୂର୍ଣ୍ଣଚନ୍ଦ୍ର ପଟେଲଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସରସ୍ୱତୀ ମହିଳା ସଂଘର ରୌପ୍ୟ ଜୟନ୍ତୀ

ବରପାଲି, ୨୧।୧୨ (ସମିସ): ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ସରସ୍ୱତୀ ମହିଳା ସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପୂର୍ବତନ ସାଂସଦ ଡ଼. ପ୍ରଭାସ କୁମାର ସିଂହ, ତପସ୍ୱିନୀ ନବସାଧନାର ନିର୍ଦ୍ଦେଶକ ସ୍ନିଗ୍ଧା ନନ୍ଦ ଓ କୋଚ୍ ଉମାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ଉପସଭାପତି ଘରଯୁଗୀ ଗଡ଼ତିଆଙ୍କ ସଭାପତିତ୍ୱରେ ସଭ୍ୟା ସୁମନା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦିକା ସୁନିତା ମୁଣ୍ଡ ରୌପ୍ୟ ଜୟନ୍ତୀ ବିବରଣୀ ଉପସ୍ଥାପନ କରିଥିଲେ । ନିବେଦିତା ସାହୁଙ୍କ ସଂଯୋଜନରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଗଣ ସରସ୍ୱତୀ ପତ୍ରିକାକୁ ଉନ୍ମୋଚନ କରି ଡ଼. ପ୍ରଭାସ କୁମାର ସିଂହ, ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସତ୍ୟାନନ୍ଦ ପାଣ୍ଡେ ଦେବାନନ୍ଦ ଖଟୁଆ, ମଞ୍ଜୁଲତା ଦାଶ, ଜଳନ୍ଧର ପଟେଲ ଓ ଦେବଦତ୍ତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ସହ ଜଡ଼ିତ ରହିଥିବା ୨୦ ଜଣ ବ୍ୟକ୍ତି ବିଶେଷଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା ।

## କନବାର ହାଇସ୍କୁଲ ସମ୍ମାନିତ

ବରପାଲି, ୨୧।୧୨ (ସମିସ): ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ୨୧୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ନିଷ୍ଠା ପରିବାର ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ କନବାର ହାଇସ୍କୁଲ ରେଡକ୍ରସ ସଂସ୍ଥାର ଶିକ୍ଷାର୍ଥୀମାନେ ଯୋଗଦେଇଥିଲେ। ରେଡକ୍ରସ ପ୍ରକଳ୍ପ ଅଧିକାରିଣୀ ଯୁକ୍ତା ବାରିକଙ୍କ ତତ୍ତ୍ୱାବଧାନରେ ଶିକ୍ଷାର୍ଥୀମାନେ ଶିବିରରେ ଭାଗନେଇ ଫାଷ୍ଟଏଡ୍ ସେବା,ପାନୀୟ, ଶୃଙ୍ଖଳା ଓ ସହଯୋଗୀ ମନୋଭାବକୁ ନେଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

ବରପାଲି,୨୧।୧୨ (ସମିସ): ବରପାଲି ବ୍ଲକ ଅମ୍ବାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତେଜଙ୍ଗ କ୍ଲଷ୍ଟରସ୍ତରୀୟ ସପ୍ତମ ମାସିକ ବୈଠକ ଆୟୋଜିତ ହୋଇଥିଲା। ବୈଠକକୁ ସିଆରସିସି ସଞ୍ଜୟ କୁମାର ସାହୁ, ଆରପି ରାଜୀବ ଲୋଚନ ସାହୁ ଓ ଲିଙ୍ଗରାଜ ପାଣ୍ଡେ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ମେହେର ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆରପି ସାହୁ ପୂର୍ବ ବୈଠକର ପୁନରାଲୋଚନା କରିଥିଲେ। ପରେ ଡିସେମ୍ବର ମାସର ପାଠ୍ୟ ଖସଡ଼ା ଉପରେ ଆଲୋଚନା କରିଥିଲେ। ନିପୁଣ ମେଳା ପାଇଁ ସମସ୍ତ ବିଦ୍ୟାଳୟର ଶିକ୍ଷକ ପ୍ରସ୍ତୁତ ହେବା ପାଇଁ ପରାମର୍ଶ ଦେଇଥିଲେ।

## ସ୍ୱାସ୍ଥ୍ୟ ଶିବିର ଓ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ

ବରଗଡ ୨୧।୧୨(ସମିସ): ଶୁକ୍ରବାର ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଏକ ସ୍ୱାସ୍ଥ୍ୟ ଶିବିର ଓ ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ଡାକ୍ତର ସୂର୍ଯ୍ୟକାନ୍ତ ବେହେରାଙ୍କଠାରୁ ଔଷଧ ଓ ପରାମର୍ଶ ଗ୍ରହଣ କରିଥିଲେ। ଏହା ସହିତ କେୟାର ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମରେ ସୁମିତ ରଞ୍ଜନ ମହାନ୍ତି ଓ ହୃଷୀକେଶ ମିଶ୍ର ଯୋଗଦେଇବୁଝାଇଥିଲେ। କାର୍ଯ୍ୟକ୍ରମରେ କେଦାର ମିଶ୍ର, ଗୋବିନ୍ଦ ଦାଶ, ନିର୍ମଳ କିଶୋର କର, ପ୍ରସନ୍ନ ପ୍ରଧାନ,ସୁଶୀଲ ମହାପାତ୍ର,ପ୍ରସନ୍ନ ପ୍ରଧାନ, ସାମ୍ବାଦିକ ତୁଳସୀ ଦାଶ, ଗୌରଚନ୍ଦ୍ର କର, ପ୍ରଦୀପ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ସଂଘମିତ୍ରା ମିଶ୍ରଙ୍କ ପୁସ୍ତକ ଉନ୍ମୋଚିତ

ବରଗଡ଼,୨୧। ୧୨(ସମିସ): ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ରଙ୍କ ଗବେଷଣାତ୍ମକ ସମୀକ୍ଷା ପୁସ୍ତକ 'ଜଗଦୀଶ ଗଳ୍ପ ମାନସ' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କର କମଳରେ ଉନ୍ମୋଚିତ ହୋଇଛି। ସୂଚନାଯୋଗ୍ୟ ଯେ, 'ଜଗଦୀଶ ମହାନ୍ତିଙ୍କ ଗଳ୍ପ ସମଗ୍ର' ପ୍ରସଙ୍ଗରେ ଡ .ମିଶ୍ର ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚଡି ଉପାଧି ପାଇଥିଲେ ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଭେଡେନ,୨୧।୧୨।(ସମିସ): ଭେଡେନ ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି ଗ୍ରାମପଞ୍ଚାୟତସ୍ଥି ରାଏପଡ଼ାର ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଭାପତି ଆଦିବାସୀ ସଂଗ୍ରାମୀ ଛବିଳ ରାଏ (୬୦) କିଡନୀ ରୋଗରେ ବୁର୍ଲା ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବଡ଼ ପୁଅ ଗଣେଶ ରାଏ ମୁଖାଗ୍ନି ଦେଇଥିଲେ।

## ରାଧାକୃଷ୍ଣ ମନ୍ଦିର ନିକଟସ୍ଥ ନଳକୂପ ଅଚଳ

ଥୁଆପାଲି, ୨୧।୧୨(ସମିସ): ବରଗଡ଼ ଜିଲ୍ଲା ରେମଣ୍ଡା ପଞ୍ଚାୟତର ଭୋଇପାଲି ଉପରପଡ଼ା ରାଧାକୃଷ୍ଣ ମନ୍ଦିର ନିକଟସ୍ଥ ନଳକୂପରୁ ଅଧିକାଂଶ ଜନସାଧାରଣ ପାନୀୟଜଳ ବ୍ୟବହାର କରିଥାନ୍ତି। ଦୀର୍ଘ ୧୫ ଦିନ ହେବ ଏହା ଅଚଳ ହୋଇ ପଡିରହିଛି ।ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ପାନୀୟଜଳର ସମସ୍ୟା ଲାଗି ରହୁଛି। ଏଣୁ ବରଗଡ଼ ଜିଲ୍ଲା ପାନୀୟ ଜଳଯୋଗାଣ ବିଭାଗର ଅଧିକାରୀ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଭୋଇପାଲି ଉପରପଡ଼ାବାସୀ ଦାବି କରୁଛନ୍ତି।

## ରେମଣ୍ଡା ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ

ଥୁଆପାଲି ୨୧।୧୨(ସମିସ): ବରଗଡ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦଯାପିତ ହୋଇଯାଇଛି। ମା' ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଧରି ଛାତ୍ରଛାତ୍ରୀମାନେ ଖେଳପଡ଼ିଆକୁ ଆସିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଖେଳ ଶିକ୍ଷକ ଅର୍ଜୁନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରାଧ୍ୟାପକ ଯୁବରାଜ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅଶ୍ୱିନୀ ପାଣିଗ୍ରାହୀ, ଜନାର୍ଦ୍ଦନ ସାହୁ, ରାଜଲକ୍ଷ୍ମୀ ପ୍ରଧାନ, ପ୍ରେରଣା ଭୋଇ, ଆଶିଷ ଭୋଇ, କଳ୍ପନା ଚାନ୍ଦ, ସୁଜିତ୍ ସାହୁ, ଅର୍ଜୁନ ଦୋରା, ବିରଞ୍ଚି ମହାଣା, ଅନୁପ ଭୋଇ, ଫନିନ୍ଦ୍ର ମିରିଗ, ଶିଶିର ସାହୁ, ଶିବ ନାରାୟଣ ସାହୁ, ଉମେଶ ରାଉତିଆ ପ୍ରମୁଖ ସହଯୋଗ କରିଥିଲେ।

## ବୀରେନ୍ଦ୍ର କୁମାର ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଗାଇସିଲେଟ, ୨୧।୧୨ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଠଉମାଲ ସ୍ଥିତ ବୀରେନ୍ଦ୍ର କୁମାର ଡିଗ୍ରୀ କଲେଜର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଅଞ୍ଚଳ କଲେଜର ପୂର୍ବତନ ଅଧ୍ୟକ୍ଷ ବି. ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗାଇସିଲେଟ ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ସାହୁ, ସରପଞ୍ଚ ଶେଷଦେବ ପଧାନ, ସମିତି ସଭ୍ୟ ସୁଶାନ୍ତ ସାହୁ, ନାରାୟଣ ସାହୁ ସମ୍ମାନିତ ଅତିଥି ଥିଲେ। ଅଧ୍ୟକ୍ଷା ଭାବନା ସେଠ ବିବରଣୀ ପାଠ କରିବା ବେଳେ ସମ୍ପାଦକ ଦେବେନ୍ଦ୍ର ଯୋଶୀ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ୪୪୨ ନୂତନ ହିତାଧୀକାରୀଙ୍କୁ ଭତ୍ତା ବଣ୍ଟନ

ଭଟଲି,୨୧।୧୨(ସମିସ): ଆଜି ବରଗଡ଼ ଜିଲ୍ଲା ଭଟଲି ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ପେନସନ ଯୋଜନାରେ ୪୪୨ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଗଲା । ଏଥିରେ ୬୬ ଜଣ ବିକଳାଙ୍ଗ, ୫ ଜଣ ସ୍ୱାମୀ ପରିତ୍ୟକ୍ତା/ ଛାଡ଼ପତ୍ର ପାଇଥିବା ମହିଳା, ୨୧୮ ଜଣ ବାର୍ଦ୍ଧକ୍ୟ ଭତ୍ତା, ୭୫ ଜଣ ଅବିବାହିତ ମହିଳା ମହିଳା ଏବଂ ୭୮ ଜଣ ହିତାଧକାରୀଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ଜିଲ୍ଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ, ଅଚ୍ୟୁତ ବୁଧିଆ, ଅକ୍ଷୟ ସାହୁ, ବାଳକୃଷ୍ଣ ସାହୁ, ବିରୁପାକ୍ଷ ପଧାନ, ପ୍ରତାପ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ ।

## ବିଧାୟକଙ୍କୁ ଭେଟିଲେ ଜିଲ୍ଲା ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା

ବରଗଡ଼,୨୧।୧୨(ସମିସ): ବରଗଡ଼ ଜିଲ୍ଲା ଖବର କାଗଜ ବିତରକ ସଂଘ କର୍ମକର୍ତ୍ତା ହୋଟେଲ ଗଣପତି ଠାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଖବରକାଗଜ ବିତରଣବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟରେ ଅବଗତ କରିଥିଲେ। ବିଗତ ସରକାର ବରଗଡ଼ ଜିଲ୍ଲାର ୨୧୪ ବିତରକଙ୍କୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ପତ୍ର, ଶ୍ରମିକ କାର୍ଡ ଓ ୬ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିଲେ। ସବୁ ଶୁଣି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଲେ ଯେ, ମୁଁ ସବୁବେଳେ ତୁମମାନଙ୍କ ସହ ଅଛି। କିଛି ବି କାହାର କାମ ପଡ଼ିଲେ ମୋ ଅଫିସ୍ ରେ ଦେଖାକରିବ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ଓ ସମସ୍ତ ବିତରକ ଭାଇଙ୍କୁ ଯେମିତି ସରକାର ସାହାଯ୍ୟ ସହଯୋଗ ଯୋଗାଇ ହେବ, ତା'ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ବରଗଡ଼ ଜିଲ୍ଲା ଖବରକାଗଜ ସଂଘ ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପଦ କଲେତ,ଅଚ୍ୟୁତ ସର୍ ପ୍ରମୁଖ ଉପସ୍ଥିତ ଥିଲେ।

## ପହଣ୍ଡି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକ ଉତ୍ସବ

ବିଜେପୁର, ୨୧।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ପହଣ୍ଡି ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଦିବସରେ ମଶାଲ ଶୋଭାଯାତ୍ରା, କ୍ରୀଡ଼ା ପତାକା ଉତ୍ତୋଳନ ପରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିମେଇଁ ଚରଣ ସାହୁ, ଶିକ୍ଷାବିତ୍ ପ୍ରଫୁଲ୍ଲ ପଣ୍ଡା, ଖେଳ ଶିକ୍ଷକ ହୃଦମଣି ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଖେଳ ଶିକ୍ଷକ ସରୋଜ ପୁରୋହିତ ସଭା ପରିଚାଳନା, ନିର୍ମଳ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ଗୟାଧର ପଟେଲ ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସିଦ୍ଧେଶ୍ୱର ବର୍ଗର୍ତ୍ତି ଓ ଲିଜା ବର୍ଗେ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ଚାମ୍ପିଅନ ହୋଇଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଅତାବିରା, ୨୧।୧୨(ସମିସ): ବରଗଡ଼-ସମ୍ବଲପୁର ଏନ୍ଏଚ୍ ୫୩ ଅତାବିରା ବସଷ୍ଟାଣ୍ଡରେ ମାଲବାହୀ ପିକ୍ ଅପ୍ ଏକ ବାଇକକୁ ଧକ୍କା ଦେଇ ଘୋସାଡ଼ି ନେବାରୁ ବାଇକ ଆରୋହୀ ଅତାବିରା ଥାନା ଲସ୍ତଲା ଗ୍ରାମର ରାମଚନ୍ଦ୍ର ମେହେର(୭୦)ଙ୍କ ମୃତ୍ୟୁ ଘଟିଛି। ପୁଲିସ ତୁରନ୍ତ ଘଟଣାସ୍ଥଳରୁ ଚାମଚନ୍ଦ୍ରଙ୍କୁ ଅତାବିରା ସରକାରୀ ଡାକ୍ତରଖାନାକୁ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୂର୍ବାହ୍ଣରେ ରାମଚନ୍ଦ୍ର ବାଇକ(ଓଡ଼ି ୧୭ ଏଏ ୪୬୧୮)ରେ ମହାରଣା ଫର୍ନିଚର ପଟରୁ କୁଲୁଣ୍ଡା ଛକ ପଟକୁ ଯାଉଥିବା ବେଳେ ବରଗଡ଼ ପଟରୁ ସମ୍ବଲପୁର ପଟକୁ ଦ୍ରୁତ ଗତିରେ ଯାଉଥିବା ଏକ ମାଲବାହୀ ପିକ୍ ଅପ୍(ଓଡ଼ି ୧୭ ଏମ୍ ୪୪୨୯) ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା।

## ସନ୍ତୋଷିନୀ ଦାଶଙ୍କ କବିତା ସଂକଳନ ଲୋକାର୍ପିତ

ବରଗଡ଼,୨୧। ୧୨(ସମିସ): ବରଗଡ଼ କାଳୀମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଣ୍ଣପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂପାଦିକା କମଳିନୀ ଦେବୀଙ୍କ ଅଧ୍ୟକ୍ଷତାରେ ସଂସଦର ସହ ସଂପାଦିକା ସନ୍ତୋଷିନୀ ଦାଶଙ୍କ ରଚିତ ଷଷ୍ଠ କବିତା ସଂକଳନ 'ଜୀବନ ଯମୁନା' ଉନ୍ମୋଚିତ ହୋଇଥିଲା। ବିଷ୍ଣୁପ୍ରିୟା ପଣ୍ଡା, କବୟିତ୍ରୀ ବାସନ୍ତୀ ଗୁରୁ ଜୀବନ ଯମୁନା କବିତା ସଂକଳନ ଉପରେ ସମୀକ୍ଷା କରିଥିଲେ । କମଳିନୀ ଦେବୀ, ସନ୍ତୋଷିନୀ ଦାଶ, କବିତା ଦେବତା,ମୀନା ପଣ୍ଡା, ସୁନୀତା ମିଶ୍ର, ଜ୍ୟୋସ୍ନାମୟୀ ଦାଶ, ରାଧାରାଣୀ ପଟ୍ଟନାୟକ, ବାସନ୍ତୀ ଗୁରୁ, ବିଷ୍ଣୁପ୍ରିୟା ପଣ୍ଡା,ଜୟଶ୍ରୀ ଖାଡ଼ଙ୍ଗା, ସୁଜାତା ପଣ୍ଡା,ମିନତୀ ଦାଶ,ସାଗରୀକା ପାଣିଗ୍ରାହୀ, ସନ୍ତୋଷିନୀ ନାଗ, ସଂଗୀତା ଦୀପ, ନିରୁପମା ଶତପଥି,ନବନୀତା ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।







## ଭଟଲି କୃଷକ ସଂଗଠନ ପକ୍ଷରୁ ଜରୁରୀ ବୈଠକ

# ଟାଟା ପାୱାର ଚାଷୀଙ୍କ ଲାଇନ୍ କାଟିଲେ ଜୋରଦାର ଆନ୍ଦୋଳନ



**ଭଟଲି,୨୧।୧୨(ସମିସ):** ଆଜି ଭଟଲି ବଜାର ପ୍ରାଙ୍ଗଣରେ କୃଷକ ପରିବାର ତରଫରୁ ବିଦ୍ୟୁତ ବିଲ ଏବଂ ଧାନ ବିକ୍ରି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଟାଟା ପାୱାର ପକ୍ଷରୁ ଯଦି ଲାଇନ କାଟିବେ, ତାହେଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଭାପତି ଥବିର ସାହୁଙ୍କ ସଭାପତିତ୍ୱରେ ଚାଷୀଙ୍କ ପାଇଁ କାହିଁକି ଏହି କଠୋର ନୀତି ବୋଲି ବକ୍ତାମାନେ ମତ ଦେଇଛନ୍ତି। ବୈଠକରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ଼ କୃଷକ ସଂଗଠନ ସଭାପତି ଈଶାନ୍ତ ଭୋଇ, ଭଟଲି ବ୍ଲକ କୃଷକ ସଂଗଠନର ଶାନ୍ତନୁ ମାଝୀ, ସୁରେନ୍ଦ୍ର ସାହୁ, ଦିଲ୍ଲୀବ ସାହୁ, ବିନୟ ସାହୁ, ହେମନ୍ତ ସାହୁ, ଅନନ୍ତ ଖମାରି, ଅକ୍ଷୟ ପଧାନ, ସୁରଥ ସାହୁ, ସଂଜୀବ ନାୟକ, ଅରୁଣ ମୁନା, ପିଣ୍ଟୁ ପଟେଲ, ଗଙ୍ଗାରାମ ଭୁଏ, କ୍ଷୀରୋଦ୍ର ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

■ ନୂଆଁପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ଧାରଣା



**ଦେଓଗାଁ, ୨୧।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ସୂଚନାନୁସାରେ ଉକ୍ତ ବିଦ୍ୟାଳୟରେ ପଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୭୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କୁ ପାଠପଢ଼ାଇବା ପାଇଁ ପ୍ରଧାନଶିକ୍ଷକଙ୍କ ସହ ମୋଟ ୫ ଜଣ ଶିକ୍ଷକ ରହିଛନ୍ତି। ତେବେ ବରିଷ୍ଠ ତଥା ଅଭିଜ୍ଞ ସମ୍ପନ୍ନ ଶିକ୍ଷକ ସୁନୀଳ ସାଗରଙ୍କୁ ବିଭାଗ ବାବିଯୋର ସ୍କୁଲକୁ ଡେପୁଟେସନରେ ବଦଳି କରିଦେଇଥିବା ଖବର ଜଣାପଡ଼ିବା ପରେ ଗ୍ରାମବାସୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନୂଆଁପାଲି ଗାଁ ମଣ୍ଡପରେ ଗ୍ରାମବାସୀ ମାନେ ଏକତ୍ରୀତ ହୋଇ ଶିକ୍ଷକ ସୂନୀଳ ସାଗରଙ୍କ ବଦଳିକୁ ବାତିଲ ନକଲେ ଆନ୍ଦୋଳନ କରିବାପାଇଁ ନିଷ୍ପତ୍ତି ନେଇଥିବା ବେଳେ ଶନିବାର ଦିନ ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକଙ୍କୁ ପଚାରିବାରୁ ବାବିଯୋର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଶିକ୍ଷକ ପାଇଁ ଦାବି କରିବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୂତାବକ ନୂଆଁପାଲି ସ୍କୁଲର ବରିଷ୍ଠ ଶିକ୍ଷକ ହିସାବରେ ସୁନୀଳ ସାଗରଙ୍କୁ ଡେପୁଟେସନ କରାଯାଇଛି। ଆମେ ଏଦିଗରେ କୌଣସୀ ପଦକ୍ଷେପ ନେଇପାରିବୁ ନାହିଁ ବୋଲି କହିଥିଲେ।

ରୁଷୁଡ଼ା ପାକ୍ସରେ ଧାନ ଓଜନରେ ଠକେଇ ଅଭିଯୋଗ

# ଧରାପଡ଼ିବା ପରେ ଓଜନ ମେସିନ ଗାଏବ

**ତୁଷୁରା, ୨୧।୧୨(ସମିସ)**

ସରକାର ଧାନମଣ୍ଡି ଗୁଡିକରେ ସ୍ୱଚ୍ଛତା ଆଣିବା ପାଇଁ ଘୋଷଣା କରିଥିଲେ ହେଲେ ମଣ୍ଡିରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି। ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ ରୁଷୁଡ଼ା ସମବାୟ ସମିତିରେ ବ୍ୟାପକ ଅନିୟମିତତା ହୋଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁସାରେ ରୁଷୁଡ଼ା ଗ୍ରାମର ଚାଷୀ ରମାକାନ୍ତ ଭୋଇ ଶୁକ୍ରବାର ରୁଷୁଡ଼ା ପାକ୍ସକୁ ଧାନ ବିକ୍ରି ପାଇଁ ଆଣିଥିଲେ। ସେ ୧୮୩ ପ୍ୟାକେଟ ଧାନ ଘରୁ ଓଜନ କରି ଆଣି ୭୨.୭୪କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲା। ମଣ୍ଡିରେ କଟ୍‌ନିଛଟନି ବାବଦ ୪ କେଜି ଓ ବସ୍ତାର ଓଜନ ୭ ସହ ୫୦ ଗ୍ରାମ କାଟିଲା ପରେ ୬୯.୨୯କୁଇଣ୍ଟାଲ ହେଉଥିଲା। ପରେ ମଣ୍ଡିରେ ପୁଣି ଧାନ ଓଜନ କରିବାରୁ ୬୬.୩୨କୁଇଣ୍ଟାଲ ଧାନ ହୋଇଥିଲା। ମଣ୍ଡିରେ ଓଜନରେ ଅନିୟମିତତା ହୋଇଥିବା ଚାଷୀ ସନ୍ଦେହ କରିଥିଲେ। ପରେ ସେ ଚାଷୀ ଜଣକ ଯାଇ ନିଜ ଘରୁ ଓଜନ ମେସିନ ମଣ୍ଡିକୁ ଆଣିଥିଲେ। ନିଜ ମେସିନରେ ଧାନ ଓଜନ କରାଯିବାରୁ ମଣ୍ଡିରେ ଥିବା ମେସିନ ଓ ତାଙ୍କ ମେସିନ ଉଭୟ ମଧ୍ୟରେ ବ୍ୟାପକ ତଫାତ ଦେଖିବାକୁ ମିଳିଥିଲା। ଥରେ ଓଜନ କରିବା ପରେ ଦ୍ୱିତୀୟ ଥର ଓଜନ କଲେ ଓଜନରେ ଦୁଇ କେଜିର ଫରକ ଦେଖିବାକୁ ମିଳିଥିଲା। ଏହା ଦେଖି ଅନ୍ୟ ଚାଷୀ ମାନେ ହୋ ହାଲ୍ଲା କରିଥିଲେ। ପରେ ଆରଏମସି କର୍ମଚାରୀ ଉକ୍ତ ସ୍ଥାନକୁ ପହଞ୍ଚି ୨ଟି ମେସିନରେ ନିଜେ ଛିଡାହେଇ ଓଜନ ହେବାରୁ ଦୁଇ କେଜିର ତଫାତ ଦେଖା ଦେଇଥିଲା। ଏହି ଠକାମି ଧରା ପଡ଼ିବା ପରେ ମଣ୍ଡିରେ ଥିବା ଓଜନ ମେସିନକୁ କୁଆଡେ ନେଇ ଲୁଚେଇ ଦେଇଥିଲେ। ପରେ ଆର୍‌ଏମସିରୁ ୪ ଟି ଅନ୍ୟ ମେସିନ ଅଣା ଯାଇଥିଲା। ପରେ ସେହି ମେସିନରେ ଓଜନ କରିବାରୁ ସବୁ ଠିକଠାକ୍ ହେଇଥିଲା। ପ୍ରକାଶ ଥାଉକି ଗାଏବ ହେଇଥିବା ଓଜନ ମେସିନରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୨ଶହ କୁଇଣ୍ଟାଲ ଧାନ କିଣାଗଲାଣି। ପୂର୍ବରୁ କିଣା ଯାଇଥିବା ଧାନକ୍ରୟରେ ବି ଓଜନରେ ଠକେଇ ହୋଇଥିବା ସନ୍ଦେହ ଉପୁଜୁଛି। ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।



## କଟ୍‌ନି ଛଟ୍‌ନି ପରେ ମଧ୍ୟ ଚାଷୀ ଲୁଟ୍‌ର ଶିକାର

# ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଦେଖିଲେ ପ୍ରତିନିଧି ଦଳ



**ଦେଓଗାଁ, ୨୧।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ବାବିଯୋର ଗାଁରେ ଆରମ୍ଭ ହୋଇଥିବା ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି ପ୍ରତିନିଧିଦଳ। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଭୁବନେଶ୍ୱର କାର୍ଯ୍ୟାଳୟର କୃଷି ବିଶେଷଜ୍ଞ ଶ୍ରୀଧର ବେହେରା, ଜିଲ୍ଲା ସଂଯୋଜକ ସୁଜିତ କୁମାର ଶତପଥି, ଦେଓଗାଁ ବ୍ଲକ ଓଡ଼ିଶା ଜୀବିକା ମିଶନର ଦାୟୀତ୍ୱରେ ଥିବା ବିପିଏମ ତଥା ବିଏଲସି ସବ୍ୟାରାଣୀ ମହାଲିଙ୍ଗ ପ୍ରମୁଖ ମାଲିପାଲି ସାପ୍ତାହୀକ ବଜାରସ୍ଥିତ ଜୈବିକ ଉତ୍ପାଦିତ ସାମଗ୍ରୀ ବିକ୍ରୟ କେନ୍ଦ୍ରକୁ ଯାଇ ଚାଷୀ ଓ କ୍ରେତାଙ୍କ ସହ ଆଲୋଚନା କରିଥିଲେ। ପରେ ବାବିଯୋର ଗାଁରେ ଥିବା ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ଯାଇ କଲ୍ୟାଣୀ ଓ ଗଙ୍ଗା ସ୍ୱୟଂ ସହାୟକଦଳର ସଦସ୍ୟାଙ୍କ ସହ ଜୈବିକ ଅର୍କ ପ୍ରସ୍ତୁତିର ବିଭିନ୍ନ ଦିଗ, ପ୍ରୟୋଗ ବିଧି ଓ ବଜାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହାସହ ସମ୍ପୃକ୍ତ ଏସ୍‌ଏଚଜି ଦଳର ନିଜସ୍ୱ ଖର୍ଚ୍ଚରେ ଚଳାଇଥିବା ଉଦ୍ୟମକୁ ପ୍ରଶଂସା କରିବାସହ ଆଗକୁ କେମିତି ସରକାରୀ ସହାୟତା ମିଳିପାରିବ ସେନେଇ ପଦକ୍ଷେପ ଗହଣ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଏମବିକେ ସ୍ୱର୍ଣ୍ଣଚମ୍ପା ପ୍ରଧାନ ତଥା ସମସ୍ତ ଏସ୍‌ଏଚଜି ସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ମାଷ୍ଟରଟ୍ରେନର ସଂଯୋଜନା କରିଥିବା ବେଳେ ସିଆରପିସିଏମ ପୁଷ୍ପାଞ୍ଜଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୨୧।୧୨(ସମିସ):** କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସକାଳେ ଶାନ୍ତିକୁଞ୍ଜରୁ ଆସିଥିବା ଯୋଗଗୁରୁ ଅନୁଭୂତି ଓ ସାରାଂଶ ସ୍ୱେଚ୍ଛାସେବୀଙ୍କୁ ଯୋଗର ଉପାଦେୟତା ଉପରେ ଅବଗତ କରାଇବା ସହିତ ଯୋଗଶିକ୍ଷା ଦେଇଥିଲେ। ତତ୍ପରେ ସମସ୍ତ ସ୍ୱେଚ୍ଛାସେବୀ କଣ୍ଟାବାଞ୍ଜି ସହରରେ ପଦଯାତ୍ରା କରି ରକ୍ତଦାନର ଉପାଦେୟତା, ସଡକ ସୁରକ୍ଷା, ଏଡ୍‌ସ ସଚେତନତା, ଇତ୍ୟାଦି ବିଷୟରେ ସଚେତନତା ସ୍ଲୋଗାନମାନ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଉପରେ ସ୍ୱେଚ୍ଛାସେବୀଙ୍କୁ ଡ.ସଞ୍ଜୟ କୁମାର ମିଶ୍ର ଏବଂ ସଡକ ସୁରକ୍ଷା ଉପରେ କଣ୍ଟାବାଞ୍ଜି ଥାନାର ଏସଆଇ ଅଭିନାସ ନାୟକ ଶିକ୍ଷାଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନି ସଭାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ କେ.ଭି କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମେହେର, +୨ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ବଲାଙ୍ଗୀର ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଡ.ଦୈତାରି ପୂଜାରୀ, ବିଶିଷ୍ଟ ସମାଜସେବୀ ଅଶୋକ ଛାପିଡ଼ିଆ, ଯୋଗ ଦେଇଥିଲେ। କେ.ଭି କଲେଜ ଯୁବ ରେଡ଼କ୍ରସ ପରାମର୍ଶ ଦାତା ଅଧ୍ୟାପକ ରୋହିତ କିଶୋର କୁମ୍ଭାର ସ୍ୱାଗତ ଭାଷଣ ତଥା ମଞ୍ଚ ପରିଚାଳନା କରିଥିଲେ। ଜୁନିଅର ରେଡ଼କ୍ରସ ପରାମର୍ଶ ଦାତ୍ରୀ ଅଧ୍ୟାପିକା ବବିତା ଦେବଦର୍ଶିନୀ ପ୍ରଶିକ୍ଷଣ ଶିବିର ବିବରଣୀ ପଠନ କରିଥିଲେ। ତତ୍ପରେ ଶିବିରରେ ଆୟୋଜିତ ହୋଇଥିବା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ତଥା ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ ହାସଲ କରିଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରର ଉତ୍ତମ ସ୍ୱେଚ୍ଛାସେବୀ ଭାବରେ ଜ୍ଞାନ ବିକାଶ ଧରୁଆ ଓ ମୀନା ମାଝୀ, ଉତ୍ତମ ପରାମର୍ଶଦାତା ଭାବରେ ସତ୍ୟନାରାୟଣ ବରଗିର୍ତ୍ତଙ୍କୁ ପୁରସ୍କୃତ କରାଗଲା। ଶେଷରେ ହିନ୍ଦୀ ବିଭାଗର ଅଧ୍ୟାପକ ଯତୀନ ଦ୍ୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଟ୍ରେନରେ କଟି ମହିଳାଙ୍କ ମୃତ୍ୟୁ

**ସୋନପୁର, ୨୧।୧୨(ସମିସ):** ନବ ନିର୍ମିତ ବଲାଙ୍ଗିର-ସୋନପୁର ରେଳ ଲାଇନରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ନରସିଂହଗଡ଼ ରେଳ ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି। ମହିଳା ଜଣକ ନିକଟସ୍ଥ ଖମ୍ବେଶ୍ୱରୀପାଲି ଗାଁର ରାଧିକା ପୋଢ଼ (୮୦)ବୋଲି ଜଣାପଡ଼ିଛି। ତେବେ ମହିଳା ଜଣକ ବିଲକୁ ଯାଉଥିବା ବେଳେ କୌଣସି ଏକ ଟ୍ରେନ ଧକ୍କା ଦେଇଥିଲା। ରାଧିକାଙ୍କ କାନକୁ ଠିକ ଭାବେ ଶୁଭେ ନାହିଁ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ଏବଂ ରେଳବାଇ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ତରଭା ଏଇଏସ୍ କଲେଜରେ ଆଲୋଚନାଚକ୍ର

**ତରଭା, ୨୧।୧୨(ସମିସ):** ତରଭା ଏଇଏସ୍ କଲେଜରେ 'ସ୍ୱାମୀ ବିବେକାନନ୍ଦ ଓ ଓଡ଼ିଆ ସାହିତ୍ୟର ନବ ଜାଗରଣ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ପ୍ରଶାନ୍ତ ନାଗ ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦେବେନ୍ଦ୍ର ବିଜୟ ସାହୁ, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଅନୁଜ ଭୁକ୍ତା ଓ ଅଧ୍ୟାପକ ବିଶ୍ୱପତି ଦାନୀ ଯୋଗଦେଇଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଫୋଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସ୍ୱାମୀଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁନିତା ପ୍ରଧାନ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୨୧।୧୨(ସମିସ):** ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ କଳିକେଶ ନ।।ରାୟଣ ସିଂ ଦେଓ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୌରାଧକ୍ଷା ଲିକା ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରର କ୍ରୀଡ଼ା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ସୁବଲୟା, ୨୧।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳିଆ କର୍ମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ନେଇ ଖେଳପଡ଼ିଆରେ ସ୍ଥାପନ କରାଯାଇଥିଲା। ଶନିବାର ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନୋଜ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ବଲାଙ୍ଗିର ପୁଲିସ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କିଶୋର କୁମାର ଡାଙ୍ଗ ଯୋଗଦେଇ ଶାରୀରିକ ଶିକ୍ଷା ବା ଖେଳର ଉପାଦେୟତା ଓ ଏହାର ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୁନିୟର, ସବ୍ ଜୁନିୟର ଓ ସିନିୟର ବର୍ଗରେ ଭାଗ କରାଯାଇଥିଲା। ଜୁନିୟରରେ ବୁଧୁରାମ ବାଘ, ଶରତ ରାଉତଓ ଶୁଭଶ୍ରୀ ପାତ୍ର ଏବଂ ସିନିୟରରେ ସ୍ୱାଗତିକା ଖୁଡିଆ, ବିବ୍ୟଜତି ସେଠୀ ଓ ଜ୍ୟୋସ୍ନାମୟୀ ଗଡ଼ିଆ ପ୍ରମୁଖ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସମୁଦାୟ ୮୦ ଜଣ ପ୍ରତିଯୋଗୀଙ୍କୁ ବିଜେତା ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ନୀଳାମ୍ବର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ଶ୍ରୀକାନ୍ତ କୁମାର ନାଏକ ବିବରଣୀ ପଠନ କରିଥିଲେ। ସମସ୍ତ କାର୍ଯ୍ୟରେ ଶିକ୍ଷକ ସଚ୍ଚିଦାନନ୍ଦ ବରିହା, ଜଗନ୍ନାଥ ମେହେର ଶିକ୍ଷୟିତ୍ରୀ ମିତା ରାଣୀ ପଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ତୁଷୁରା, ୨୧।୧୨ (ସମିସ):** ସରକାରୀ ପ୍ରାଥମିକ ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି ଠାରେ ଡାହିମାଲ କ୍ଲଷ୍ଟରର୍ ସପ୍ତମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ସିଆର୍‌ସିସି ପ୍ରହଲ୍ଲାଦ ଦଣ୍ଡସେନା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତଥା ଡିସେମ୍ବର ମାସର ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। କ୍ଲଷ୍ଟର ସମସ୍ତ ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଦେବରାଜ ମାଝୀଙ୍କ ସଭାପତିତ୍ୱ କରିଥିଲେ, ଓ ନିଜସ୍ୱ ମତ ପୋଷଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଗୁଡଭେଲା ବ୍ଲକର କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ଶିକ୍ଷାରମାନ ବୃଦ୍ଧି ତଥା ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଏକାନ୍ତ ଆବଶ୍ୟକ ଓ ଶିକ୍ଷାର ସୁବ୍ୟବସ୍ଥା ସକାଶେ ସୁଚିନ୍ତିତ ମତାମତ ଦେଇ ସମସ୍ତଙ୍କୁ ଉତ୍ସାହିତ ଓ ପ୍ରେରଣା ଦେଇଥିଲେ। ପ୍ରଧାନଶିକ୍ଷକ ମନୋରଞ୍ଜନ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୀତବାସ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଶାନ୍ତ ମେହେର ମୌଳିକ ସାକ୍ଷରତା ଓ ଶିକ୍ଷକ ହେମସାଗର ଷଡ଼ଙ୍ଗୀ ସଂଖ୍ୟାଜ୍ଞାନ ଉପରେ ଶିକ୍ଷାଦାନ ଦେଇଥିଲେ।

# ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ତରଭା, ୨୧।୧୨(ସମିସ):** ତରଭା ବ୍ଲକ ଶିବତୁଳା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁହାସିନୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଡନରେ କାର୍ଯ୍ୟରତ ଓଡ଼ିଆ ଯୁବ ବୈଜ୍ଞାନିକ ଡ଼ଃ କାଳିଚରଣ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେବାସହ ବୈଜ୍ଞାନିକ ହୋଇ ଦେଶ ମାତୃକାର ସେବା କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି, ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ଏସଏମଡିସି ସଭ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର ନିଆଲି, ବସନ୍ତ କୁମାର ନାଏକ, ପୂର୍ବତନ ଛାତ୍ର ସଂସଦ ସଭାପତି ଆଶିଷ କୁମାର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅବସରରେ ଆୟୋଜିତ ଶୈକ୍ଷିକ ଓ ଅଣଶୈକ୍ଷିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟର କାବେରୀ ହାଉସକୁ ବର୍ଷର ଶ୍ରେଷ୍ଠ ହାଉସ ଭାବେ ଘୋଷଣା କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଦୁର୍ଯ୍ୟୋଧନ କର୍ଣ୍ଣ, ରୋଶନ ଭୋଇ, ଶୁଭଙ୍କର ସାହୁ, ବୁଧୁରାମ ମେହେର, ରାଜକିଶୋର ସାହୁ, ଶିବଶଙ୍କର କୁମ୍ଭାର, ନନ୍ଦକିଶୋର ଝାଙ୍କର, ବାସୁ ସୁନା, ଉମେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ବିଭାର ଶେଷରେ ଧନ୍ୟବାଦ ଦେଇଥିଲେ।

# ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ୍

**କଣ୍ଟାବାଞ୍ଜି, ୨୧।୧୨ (ସମିସ):** କଣ୍ଟାବାଞ୍ଜି ଅଶୋକନଗର ପ୍ରାଥମିକ ବିଦ୍ୟାଳୟରେ ଚଳିତ ମାସର କଣ୍ଟାବାଞ୍ଜି ସହରାଞ୍ଚଳ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ୍‌ରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସ୍ୱାଗତ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରି ଥିଲେ। ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଷୟ ବସ୍ତୁ, ମାନ ନିର୍ଦ୍ଧାରଣ ଫର୍ଦ୍ଦ ପୁରଣ, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ଆପାର୍ ଆଇଡି ଖୋଲିବା ଇତ୍ୟାଦି ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷୟିତ୍ରୀ ଅଞ୍ଜଳୀ ମାଝୀ, ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ସବିତା ରଣା, ସୁଭାଷିନୀ ମେହେର, ସଂଘ ମିତ୍ରା ପାଣିଗ୍ରାହୀ, ଜୟନ୍ତୀ ଷଡ଼ଙ୍ଗୀ, ଲାବଣ୍ୟ ବତି ଧରୁଆ, ସୁରେନ୍ଦ୍ର ମାଝୀ, ସୁନନ୍ଦା ପୁରୋହିତ, ସବିତା ରଣା, ବୀଣାପାଣି ଦାସ, କୁସୁମ ମଞ୍ଜରି ନାଗ, ନିରୁପମା ମିଶ୍ର, ଶାନ୍ତିଲତା ଭୋଇ, ଭାରତୀ ସାହୁ, ଦୀପା ନାୟକ, ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁଆରୀ ୧୯ରୁ ସର୍ବଭାରତୀୟ ଲାଲମନି କ୍ରିକେଟ

**ସୋନପୁର, ୨୧।୧୨(ସମିସ)**

ସର୍ବଭାରତୀୟ ୩୬ତମ ଲାଲମନି କ୍ରିକେଟରେ ସାମିଲ ହେଉଥିବା ଦଳଗୁଡ଼ିକ ପାଇଁ ଲଟେରୀ ମାଧ୍ୟମରେ ଫ୍ରାଞ୍ଚାଇଜି ଚୟନ କରାଯାଇଛି। ଏନେଇ ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିବରଣୀ ପ୍ରଦାନ କରାଯାଇଛି। ଜିଲ୍ଲା କ୍ରିକେଟ ସଂଘ ସଭାପତି ରାମଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ ସେଠି, ଉପ ସଭାପତି ବି ସତ୍ୟନାରାୟଣ ରାଓ, କ୍ଷେତ୍ରବାସୀ ସାହୁ, ସହ ସମ୍ପାଦକ ପାର୍ଥସାରଥୀ କର, ବାଙ୍କାବିହାରୀ ମହଲା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ପାତ୍ର, ଲାଲ୍ ମନି କ୍ରିକେଟ କୋଚ୍ ରାଜେନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏବର୍ଷ ଲାଲ ମନି କ୍ରିକେଟରେ ସର୍ବ ମୋଟ ୯ଟି ଦଳ ଭାଗ ନେବେ। ଜାନୁଆରୀ ୧୮ ତାରିଖରେ ସ୍ଥାନୀୟ ଗାନ୍ଧୀପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଉତ୍ସବ ପାଳନ ହେବ। ଟୁର୍ଣ୍ଣାମେଣ୍ଟରେ ଅନେକ କ୍ରିକେଟ ତାରକାଙ୍କ ସମେତ ବହୁ ଅଭିନେତା ଅଭିନେତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଟି-ଟ୍ୱେଣ୍ଟି, ଟି-ଟେନ୍ ଏବଂ ସୁପର ଟୁ-ଓଭର ଫର୍ମାଟରେ ମ୍ୟାଚ୍ ଖେଳାଯିବ। ବିଜେତା ଦଳକୁ ଲାଲମନି ଟ୍ରଫି ସହ ନଗଦ ୮୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଲଟେରୀ ମାଧ୍ୟମରେ ୯ଟି ଟିମ ପାଇଁ ୯ଜଣ ଫ୍ରାଞ୍ଚାଇଜି ଚୟନ କରାଯାଇଛି। ନାଇସେଟ ଏକାଡେମୀର ଅଧ୍ୟକ୍ଷ ରମଣ କୁମାର ପଧାନ ବାପୁଜୀ କ୍ଲବ୍ ଭୁବନେଶ୍ୱର ଦଳ, ଡିଏସସି ନୂଆଦିଲ୍ଲୀ ଦଳକୁ ମା' ବଗଳା ଜ୍ୱେଲର୍ସର ପ୍ରୋପାଇଟର ରୁପେଶ ଅଗ୍ରୱାଲା, ଏନ୍‌ଏସ୍‌ଏସ ପ୍ରୟାଗରାଜ ଉତ୍ତରାଖଣ୍ଡ ଦଳକୁ ଏସଏସ ଏକାଡେମିର ଅଧ୍ୟକ୍ଷ ଅମିତ କୁମାର ସାହୁ ଚୟନ କରିଛନ୍ତି। ସେହିପରି ନବଜୀବନ ଟିମ ସୁନ୍ଦରଗଡ଼ ଦଳକୁ ସମଲେଶ୍ୱରୀ ନର୍ସିଂହୋମର ଅଧ୍ୟକ୍ଷ ଶୁଭାଶିଷ ରଥ, ଏନସିଏ ମଥୁରା ଦଳକୁ ଅଲ୍ଫା ଏଜୁକେଶନ ହବର ଅଧ୍ୟକ୍ଷ ମହାଦେବ ମହଲା, ସେରସାହା ଭାଇଜାଗ ଦଳକୁ ମହାନଦୀ ଧାରାର ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର, ସେରସାହା ରାଞ୍ଚି ଦଳକୁ ଉଡ଼ାଓ ଅନୁଷ୍ଠାନର ମୁଖ୍ୟ ଅରବିନ୍ଦ ବାରିକ ଚୟନ କରିଛନ୍ତି। ସଂସ୍କାର ଏଗ୍ରୋର ଏମଡି ଲୋକନାଥ ରଥ ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱର ଦଳକୁ ଚୟନ କରିଥିବା ବେଳେ ଏସଡିସିଏ ସୁବର୍ଣ୍ଣପୁର ଦଳକୁ କେ ବର୍ଷା ଦେବୀ ଓ ବି ପୁରୋଷୋତ୍ତମ ପାତ୍ର ଚୟନ କରିଛନ୍ତି।




ଲଟେରିରେ ଚୟନ ହେଲା ଟିମ୍ ଫ୍ରାଞ୍ଚାଇଜ

# ବଙ୍ଗୋମୁଣ୍ଡା ଶିଶୁମନ୍ଦିରରେ ଶିଶୁ ଶିବିର



**ବଙ୍ଗୋମୁଣ୍ଡା, ୨୧।୧୨(ସମିସ):** ବଙ୍ଗୋମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁଶିବିର ସହିତ ଜେଜେମା ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ କନ୍ଦର୍ପ କୁମାର ଦାସଙ୍କ ଆବାହକତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ସଂକୁଳ ପ୍ରମୁଖ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିୟ ଅତିଥି ଭାବରେ ପରିଚାଳନା ସମିତି ସଭାପତି ଉଦ୍ଧବ ବେହେରା. ସମ୍ପାଦକ ଅନିଲ କୁମାର ଖମାରି. ସଦସ୍ୟା ହସ୍ମିତା ଜାନି. କୌଶଲ୍ୟା ନାଗ ପ୍ରମୁଖ ଯୋଗ ଦେଇଥିଲେ। ମା'ବାଗଦେବୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଭବିଷ୍ଣ ସାହୁ ଅତିଥି ପରିଚୟ କରିଥିଲେ। ପ୍ରଧାନ ଗୁରୁଜୀ ଦାସ ଅତିଥି ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ଙ୍କୁ ଶୃଙ୍ଖଳା ସହିତ ବିଦ୍ୟା ଲାଭ କରି ଯୋଗ୍ୟ ସନ୍ତାନ ହେବାର ମାର୍ଗଦର୍ଶନ ଦେଇଥିଲେ। ସଭାପତି ଶିଶୁ ମନ୍ଦିରରେ ଉଚ୍ଚକୋଟିର ଶିକ୍ଷାଦାନ ବିଷୟରେ କହିଥିଲେ। ସମ୍ପାଦକ ଶ୍ରୀ ଖମାରି ଭାରତୀୟ ସସ୍କୃତି ପରମ୍ପରାକୁ ଶିଶୁ ମନ୍ଦିର ବଜାୟ ରଖିପାରିଛି ବୋଲି କହିଥିଲେ। ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ ଓ ଶେଫାଳି ଗୁରୁମା ଭକ୍ତି ସଙ୍ଗୀତ ଗାନ କରିଥିଲେ। ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ମ୍ୟାଜିକ ପରିବେଷଣ କରାଯାଇଥିଲା। ୧୨୫ ଜଣ ଜେଜେ ମାଆ ଜେଜେ ବାପା ଯୋଗ ଦେଇ ନିଜ ନିଜ ଅଭିଜ୍ଞତାର କଥା ଶୁଣାଇଥିଲେ। ବୀଣା ଗୁରୁମା ବନ୍ଦନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସକାଳ
THE SAKALA



# ବରଗଡ଼ର ଜୀବନରେଖା 'ଜୀରା ନଦୀ'ର ସୁରକ୍ଷା ଦାବି

**ବରଗଡ଼,୨୧।୧୨(ସମିସ)**



**ନଦୀକୁ ପୋତି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରା ନଯାଉ**

**ଅବାଧ ବାଲି ଉତ୍ତୋଳନ ଉପରେ ତୁରନ୍ତ ଅଙ୍କୁଶ ଲଗାଯାଉ**

ଆସନ୍ତା ଜାନୁଆରୀ ୩ ତାରିଖରୁ ବରଗଡ଼ରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ଏହି ସମୟରେ ସହର ମଧ୍ୟଦେଇ ଯାଇଥିବା ଜୀରା ନଦୀ ପୌରାଣିକ ଯମୁନା ନଦୀର ମାନ୍ୟତା ପାଇଥାଏ। ଜୀରାକୁ ବରଗଡ଼ର ଜୀବନ ରେଖା ମଧ୍ୟ କୁହାଯାଏ ଓ ଏହାକୁ ପବିତ୍ର ନଦୀ ଭାବେ ଗ୍ରହଣ କରାଯାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଧନୁଯାତ୍ରା ସମୟରେ ଏହାର ଅପବ୍ୟବହାର ଅଧିକ ହୋଇଥାଏ । ନଦୀକୁ ପୋତି ସମତୁଲ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ଯାହାକି ନଦୀର ଅସ୍ତିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରୁଛି ବୋଲି ରାଜେନ୍ଦ୍ର ସିକନ୍ଦର ଅଭିଯୋଗ କରିଛନ୍ତି। ସେହିପରି ପରିବେଶ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଏହା ବ୍ୟତିକ୍ରମ ସୃଷ୍ଟି କରୁଛି। ଯେଉଁ ମାତ୍ରାରେ ନଦୀ ଗର୍ଭରୁ ବାଲି ଉଠାଯାଉଛି, ତାହା ଫଳରେ ନଦୀ ନିଜର ଅସ୍ତିତ୍ୱ ହରାଇ ବସୁଛି। ତେଣୁ ଏହାର ସୁରକ୍ଷା ଦୃଷ୍ଟିରୁ ଜୀରା ନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯେଉଁଥିରେ ବ୍ୟବସାୟିକ ଗୋଷ୍ଠୀ କିମ୍ବା ପ୍ରତିଷ୍ଠାନକୁ ନଦୀ ଭିତରେ ସ୍ଥାନ ନ ଦେବା, ନଦୀ ଭିତରେ ମାଟି ପୋତାକୁ ବନ୍ଦକରିବା, ଅବାଧ ବାଲି ଉତ୍ତୋଳନ ଉପରେ ଅଙ୍କୁଶ ଲଗେଇବା ସହ ଧନୁଯାତ୍ରାର ମନୋହର ଦୃଶ୍ୟ ଅକ୍ରୁର ଗମନ ସମୟରେ ନଦୀ ଭିତରେ ଉଠିଥିବା କାଙ୍ଗଶ ବଣକୁ ପରିଷ୍କାର କରିବାକୁ ଦାବି କରାଯାଇଛି। ଏଥିରେ ଭବାନୀ ସାହୁ, ସରୋଜ ନାଏକ, ନିଖିଳ ପାଣିଗ୍ରାହୀ, ମାରିୟମ ବାର୍ଲା, ପବିତ୍ର ଦେହେରୀ, ଫିରୋଜ ଖାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଜଳ ଓ ପରିମଳ କମିଟିକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭେଡେନ, ୨୧।୧୨।(ସମିସ):** ଭେଡେନ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ଗ୍ରାମାଞ୍ଚଳରେ ଜଳ ଜୀବନ ମିଶନ ଓ ବସୁଧା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ସୁପରିଚାଳନା ଓ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସମଗ୍ର ଗ୍ରାମରେ ଓଡିଏଫ୍ ପ୍ଲସ ସ୍ଥିତି ବଜାୟ ରଖି ଏକ ସ୍ୱଚ୍ଛ ଓ ସୁସ୍ଥ ବାତାବରଣ ସୁନିଶ୍ଚିତ କରିବା ପାଇଁ ଗଠନ ହୋଇଥିବା ଗ୍ରାମ୍ୟ ଜଳ ଓ ପରିମଳ କମିଟିଗୁଡିକର କାର୍ଯ୍ୟଦକ୍ଷତା ବୃଦ୍ଧିକରିବା ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, ବରଗଡ଼, ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ମଧୁସୂଦନ ସେଠୀ, ଲିଙ୍ଗରାଜ ଦାସ, ଜିଲ୍ଲା ପରିମଳ ପରାମର୍ଶଦାତା, ଜିଲ୍ଲା ପରିଷଦ, ବରଗଡ଼ ସମୀର ପଧାନ, ବ୍ଲକ ସମ୍ବଳ ସଂଯୋଜକ, ଭେଡେନ ବ୍ଲକ ଡ. ସୁଧୀର ପଣ୍ଡ, ପ୍ରୀତେଶ ଦୋରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମଞ୍ଜୁ ସୁହୁଲା, ସହକାରୀ ଯନ୍ତ୍ରୀ , ଅମିତା ସ୍ୱାଇଁ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୂଳବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

**ଭଟଲି,୨୧। ୧୨(ସମିସ):** ଭଟଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୂଳବାରର ଶତବାର୍ଷିକୀ ଉତ୍ସବ ଉଦଘାଟିତ ହୋଇଯାଇଛି।




ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେବାରାମ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବରେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଗଣେଶରାମ ସାହୁ, ଶିକ୍ଷକ ପ୍ରାଣଧନ ଦେବତା, ସ୍ଥାନୀୟ ସରପଞ୍ଚ ତରଣୀ କୁମୁରା, ଗ୍ରାମର ବରିଷ୍ଠ ସଦସ୍ୟ ରାଇଜ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଭୁଏ ଯୋଗ ଦେଇଥିଲେ। ସୁଧୀର ବଡେଇଙ୍କ ସଂଯୋଜନା କ୍ରମେ ଶିକ୍ଷକ ଆଶିଷ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କୈଳାସ ଭୁଏ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥିବୃନ୍ଦ ସ୍ମାରକୀ ତୋରଣ ଉଦଘାଟନ କରିବା ପରେ ସ୍ମରଣିକା ଉନ୍ମୋଚନ କରିଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ମଧ୍ୟାହ୍ନଭୋଜନ ବିରତିପରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ହୋଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା। ଶତବାର୍ଷିକୀ ଉତ୍ସବ କମିଟିର ଉଚ୍ଛବ ଭୁଏ, ମହେନ୍ଦ୍ର ଭୁଏ ନିରାକାର ଭୁଏ, ଚୂଡ଼ାମଣି ଭୁଏ, ଖତୁ ବିଶ୍ୱାଳ, ପ୍ରଦୀପ ଲୁହା, ଶ୍ରୀକାନ୍ତ ସାହୁ, ଉମେଶ ସାହୁ , ଯାଦବ ସାହୁ, ସୁଶୀଳ ବଡେଇ, ମୀନକେତନ ମେହେର, ଧରମବୀର ରଥ, ଗୋପେନ୍ ରଥ, ଅଜିତ ନନ୍ଦ, ସଂଜୀବ ଗୁରୁ,ବନମାଳୀ ପଣ୍ଡା,ରବି ସାହୁ, ସୁମନ୍ତ ସାହୁ, ହୃଦାନନ୍ଦ ସାହୁ,ନୈମିଶ ବେହେରା ସହଯୋଗ କରିଥିଲେ।

# ପ୍ରଫେସର କୃଷ୍ଣମୋହନ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ପଦ୍ମପୁର, ୨୧।୧୨ (ସମିସ):** ପଦ୍ମପୁର ପବ୍ଲିକ ସ୍କୁଲ ଓ ଜୟେବ ଇନ୍ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଜିଷ୍ଟ)ର ପ୍ରତିଷ୍ଠାତା ସ୍ୱର୍ଗତଃ ପ୍ରଫେସର କୃଷ୍ଣମୋହନ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଅନୁଷ୍ଠାନର ସଭାପତି କିରଣ ପଣ୍ଡାଙ୍କ କରକମଳରେ ଅନାବରଣ କରାଯାଇଛି। ଉତ୍ସବରେ ବିଦ୍ୟାଳୟର ଉପସଭାପତି ଶୋଭାଳିସା ପଣ୍ଡା, ବିଦ୍ୟାଳୟର ସଂପାଦକ ପ୍ରଦୀପ କୁମାର ପଣ୍ଡା ,ସ୍ୱର୍ଗତ ପଣ୍ଡା ସାରଙ୍କ ପରିବାରର ସମସ୍ତ ସଦସ୍ୟ, ପଦ୍ମପୁର ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଆନନ୍ଦ ଜାଲ, ଜିଷ୍ଟ କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଲେଙ୍କା ସ୍ୱର୍ଗତ ପଣ୍ଡା ସାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ପଦ୍ମପୁର ପବ୍ଲିକ ସ୍କୁଲ ଓ ଜିଷ୍ଟ କଲେଜର ପରିଚାଳନା କମିଟିର ସଭାପତି କିରଣ ପଣ୍ଡା ଉପସ୍ଥିତ ଥିଲେ।

# ସ୍ତ୍ରୀର ଗଳାକାଟି ହତ୍ୟା; ସ୍ୱାମୀ ଫେରାର

**ଗାଇସିଲେଟ, ୨୧।୧୨(ସମିସ):** ହତ୍ୟାକାରୀ ସାଜିଲା ସାତଜନ୍ମର ସାଥୀ। ଯେଉଁ ହାତରେ ନିଜ ସ୍ତ୍ରୀର ସିନ୍ଥିରେ ସିନ୍ଦୂର ଭରି ବିବାହ କରିଥିଲା, ସେହି ହାତରେ ପୁଣି କାଟିଦେଲା ତା ଗଳା। ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ଜନକେଡ଼ା ଗ୍ରାମର କଲୋନୀ ପଡ଼ାରେ ନିଜ ସ୍ତ୍ରୀର ତଣ୍ଟିକାଟି ହତ୍ୟା କରିଛି ସ୍ୱାମୀ। ୧୯ ତାରିଖ ରାତିରେ ଉଭୟ ସ୍ୱାମୀ- ସ୍ତ୍ରୀ ଶୋଇଥିବା ସମୟରେ ରାମ ସାହୁ(୫୮) ଏକ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ ଚନ୍ଦ୍ରକାନ୍ତି ସାହୁ (୫୦)ର ତଣ୍ଟିକାଟି ହତ୍ୟାକରିବା ପରେ ଫେରାର ହୋଇଯାଇଛି। ପାରିବାରିକ କଳହରୁ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଆଜି ସେମାନଙ୍କ ପୁଅ ଜୟନ୍ତ ସାହୁ ଭିଶୋଇ ଘରୁ ଫେରିବା ପରେ ଘର ଭିତରେ ନିଜ ମା'ର ମୃତ ଶରୀର ପଡ଼ିଥିବା ଦେଖି ତୁରନ୍ତ ଗାଇସିଲେଟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗାଇସିଲେଟ ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ତାଙ୍କ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ବରଗଡ଼ ପୁରୁଣା ହସ୍ପିଟାଲକୁ ଏଫ୍‌ଆର୍‌ୟୁ ଘୋଷଣା କରିବାକୁ ଦାବି

**ବରଗଡ଼,୨୧।୧୨(ସମିସ):** ବରଗଡ଼ ସହରର ପୁରାତନ ଡାକ୍ତରଖାନା ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ହେଲେ ନା ଏଠାରେ ଅଛନ୍ତି ବିଶେଷଜ୍ଞ ଡାକ୍ତର ନା ଅଛନ୍ତି ପୂର୍ଣ୍ଣମାତ୍ରାରେ ଷ୍ଟାଫ୍, ନର୍ସ ନା କାର୍ଯ୍ୟ କରୁଛି ଅସ୍ତ୍ରୋପ୍ରଚାର କକ୍ଷ। ତେଣୁ ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପୂର୍ଣ୍ଣଭାବେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ତେଣୁ ଏହାକୁ ପୂର୍ଣ୍ଣକ୍ଷମ କରିବା ପାଇଁ ଏଫ୍‌ଆରୟୁ ଘୋଷଣା କରିବାକୁ ଦାବି ହୋଇଛି। ଏ ସମ୍ବନ୍ଧରେ ହସ୍ପିଟାଲ ବଞ୍ଚାଅ ଅଭିଯାନର ସଦସ୍ୟମାନେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେହିପରି ଏହି ହସ୍ପିଟାଲରେ ଥିବା ରକ୍ତଭଣ୍ଡାର ମଧ୍ୟ ଅନ୍ୟତ୍ର ନ ଉଠାଯାଉ ବୋଲି ଦର୍ଶାଯାଇଛି। ଏଥିରେ ଦିନବନ୍ଧୁ ମେହେର, ସାରଥୀ ମେହେର, ରବୀନ୍ଦ୍ର କୁମ୍ଭାର, ସୁଶାନ୍ତ ପାଢ଼ୀ, ବିକାଶ ସିନ୍ଧିରିଆ, ଅଭୟ ସିନ୍ଦୁର ପ୍ରମୁଖ ଉପସ୍ଥିତ ଥିଲେ।

# ବାରପଲିଆ ଛକରୁ ବଣ୍ଡକିମହୁଲ ରାସ୍ତା ଶୋଚନୀୟ

**ବରଗଡ଼,୨୧।୨୪(ସମିସ):** ପାଇକମାଳ ବ୍ଲକ ଛିଦେଇକେଲା ପଞ୍ଚାୟତ ଦେଇ ଯାଇଥିବା ରାସ୍ତା ବରପଲିଆ ଛକରୁ ବଣ୍ଡକିମହୁଲ ପର୍ଯ୍ୟନ୍ତ ୩ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତା ଅତ୍ୟନ୍ତ ଖାଲ ଢିପ ହୋଇଥିବାରୁ ଯିବା ଆସିବାରେ ନାହିଁ ନ ଥିବାର ଅସୁବିଧା ହେଉଛି । ଏହି ରାସ୍ତା ଦେଇ ବାରପଲିଆ, ବଣ୍ଡକିମହୁଲ,ଲଖନା ଅଞ୍ଚଳର ଲୋକମାନେ ବଜାର , ଛାତ୍ରଛାତ୍ରୀମାନେ ସ୍କୁଲ କଲେଜକୁ ଯିବା ଆସିବା କରନ୍ତି। ଡିସେମ୍ବର ୨୪ରୁ ଛିଦେଇକେଲା ସର୍ବଭାରତୀୟ କ୍ରିକେଟ ଖେଳ ଆରମ୍ଭ ହେଉଥିବାରୁ ଏହି ରାସ୍ତାଦେଇ ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରୁ ପ୍ରତିଦିନ ଦର୍ଶକମାନେ ଆସବେ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

# ନିଶାମଣି ବିଦ୍ୟାଳୟରେ ଇଗ୍ନାଇଟେଡ୍ ୫୦ ଅନୁଷ୍ଠିତ

**ବରଗଡ଼,୨୧।୧୨(ସମିସ):** ବରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଡକ୍ଟର ସୁରେନ୍ଦ୍ର ସାହୁଙ୍କ ଉଦ୍ୟମରେ ଆରମ୍ଭ କରାଯାଇଥିବା ଇଗ୍ନାଇଟେଡ୍ ୫୦ କାର୍ଯ୍ୟକ୍ରମ ଆଜି ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ସଂଗୀତା ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଜ୍ଞ ଶିକ୍ଷକ ଭୁବନେଶ୍ୱର ସାହୁ,ଝସକେତନ ସାହୁ ,ସୁବ୍ରତ ପଲାଇ, ସଂଗୀତା ପାଢୀ,ରୁବି ଭୋଇ, ରାଜଶ୍ରୀ ପୁରୋହିତ ଯୋଗଦାନ କରିଥିଲେ । ଏଡିଇଓ ଜ୍ୟୋତିକାନ୍ତ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା।

# ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶିଶୁମେଳା



**ଅତାବିରା,୨୧। ୧୨(ସମିସ):** ଅତାବିରା ଥାନା ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅର୍ଜୁନ କର୍ଣ୍ଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେର ଶିଶୁ ମେଳା ବିଷୟରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ କୁନ୍ତୀ ପ୍ରଧାନ ପରିଚାଳନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକ ଅଭିଭାବିକା ତଥା ଶିଶୁ ଭାଇଭଉଣୀଙ୍କ ଦ୍ୱାରା ଶିଶୁମେଳାରେ ବିଭିନ୍ନ ଜିନିଷ କିଣା ବିକା ଚାଲିଥିଲା।

# 'ମୋହନ ଦାସରୁ ମହାତ୍ମା' ଶୀର୍ଷକ ଆଲୋଚନାଚକ୍ର



**ବରପାଲି,୨୧।୧୨ (ସମିସ):** ବରପାଲି ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମହାବିଦ୍ୟାଳୟର ଆଲୁମିନୀ ଦ୍ୱାରା ଏକ ପାଠଚକ୍ରର ଆୟୋଜନ ହୋଇଯାଇଛି । ଆଇଆଇଏମ ସମ୍ବଲପୁର ପ୍ରାଧ୍ୟାପକ ଡଃ ସୁଜିତ୍ କୁମାର ପ୍ରୁଷେଠ୍ ଯୋଗଦେଇ 'ମୋହନ ଦାସରୁ ମହାତ୍ମା' ଶୀର୍ଷକ ବିଷୟ ଉପରେ ସାରଗର୍ଭକ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ରବୀନ୍ଦ୍ର କୁମାର ଗଡ଼ତିଆ ତଥା ଅଧ୍ୟାପକ ସୁବଳ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପସଭାପତି ଡଃ ସରୋଜ କୁମାର ଦାଶ, ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ, ଅଧ୍ୟାପକ ଧୀରଜ କୁମାର ତ୍ରିପାଠୀ, ଗୌରଚନ୍ଦ୍ର ପଧାନ, ବୃନ୍ଦାବନ ସାହୁ, ଅଶୋକ ପଧାନ, ଅଲେଖ ମହାନନ୍ଦ, ଗଣେଶ ପ୍ରସାଦ ମିଶ୍ର, ସୁମନ୍ତ ଶତପଥୀ, ରାଜେନ୍ଦ୍ର ମେହେର, ପ୍ରହ୍ଲାଦ ଦେବତା, ଭଗବାନ ମହାନନ୍ଦ, ସୁଶୀଲ କୁମାର ଶତପଥୀ, ଅଧ୍ୟାପିକା ସମ୍ବିତା ପ୍ରଧାନ, ଦେବାଙ୍ଗିନୀ ସାହୁ, ନତାଶା ସିକନ୍ଦର, ମନୀଷା ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ମଳୟ ଡନସନା ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭେଡେନ, ୨୧।୧୨ (ସମିସ):** ଭେଡେନ ସ୍ଥିତ ରଣଜିତା ଖେଳପଡ଼ିଆରେ ଅମ୍ଲୀପାଲି ରେନବୋ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ମଳୟ ଡନସନା ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ପ୍ରଥମେ ମଶାଲ ଶୋଭାଯାତ୍ରାରେ ଅମ୍ଲୀପାଲି ଗ୍ରାମସ୍ଥିତ ସ୍ୱର୍ଗତ ମଳୟଙ୍କ ବାସଭାବନରୁ ତାଙ୍କ ଫଟୋଚିତ୍ରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆକୁ ଅଣାଯାଇଥିଲା। ତାଙ୍କ ବାପା ଦେବେନ୍ଦ୍ର ଡନସନା ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟଅର୍ପଣ କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବରେ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ ଯୋଗଦାନ କରି ଖେଳ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବରେ ଅତିରିକ୍ତ ତହସିଲଦାର ଦେବାନନ ସାହୁ, ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ପ୍ରୀତେଶ ଦୋରା, ପୂର୍ବତନ ଖେଳାଳି ସନ୍ତୋଷ କୁମାର ପଣ୍ଡା, ସୁରେନ୍ଦ୍ର ବନଛୋର, ଖିତେଶ୍ୱର ବେହେରା, ତୋଷବନ୍ତ ବେହେରା, ଅରାକ୍ଷିତ ଦାଶ, ଦିଲୀପ ରଥ ପ୍ରମୁଖ ଯୋଗଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ଏଫସି , ବିଏମପୁର ଦଳ, ଭବାନୀପାଟଣା ଓ କୁଚିଣ୍ଡା ବିଏଫସି ଦଳ ସେମିରେ ପ୍ରବେଶ କରିଛନ୍ତି। ଖେଳକୁ ରାଜକୁମାର ମଣ୍ଡଳ, ଅଶ୍ୱିନୀ ବରିହା, ଶ୍ରୀନୁ ରାଓ, ସାଗର ନାଏକ, ସୁଧାଂଶୁ ସେଟ, ଶିବୁ ଛତ୍ରିଆ ଓ ଜିତୁ ପାତ୍ର ପରିଚାଳନା କରିଥିବା ବେଳେ ଲିପୁନ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

# କନସିଂହା ଓ ଚାରପାଲି କ୍ଲଷ୍ଟରସ୍ତରୀୟ ବୈଠକ

**ପଦ୍ମପୁର, ୨୧।୧୨ (ସମିସ):** ରାଜବୋଡ଼ାସମ୍ବର ବ୍ଲକ କନସିଂହା ଓ ଚାରପାଲି କ୍ଲଷ୍ଟରର ସପ୍ତମ ମାସିକ ବୈଠକ ସିଆରସିସି ନେତ୍ରାନନ୍ଦ ସାହୁ ଓ ସୁଦାମ ବିଶିଙ୍କ ତତ୍ତ୍ୱାବଧାନରେ ବରିହାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଏଫଏଲଏନ, ଜାତୀୟ ଉପଲବ୍ଧି ପରୀକ୍ଷଣ ପାଇଁ ପ୍ରସ୍ତୁତି, ପାଠ ଯୋଜନା,ଟ୍ରାକର, ବିଦ୍ୟାଳୟ ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଖେମେଡ଼ଖାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭ୍ରମର ପ୍ରଧାନଙ୍କ ସମେତ ଉଭୟ କ୍ଲଷ୍ଟରରୁ ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକ ଯୋଗଦାନ କରିଥିଲେ।

# ଟେମରୀ ହାଇସ୍କୁଲରେ ବାର୍ଷିକ ଉତ୍ସବ




**ପାଇକମାଳ, ୨୧।୧୨(ସମିସ):** ପାଇକମାଳ ବ୍ଲକ ଟେମରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଡୋଳାମଣି ଭୋଇଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜବୋଡ଼ାସମ୍ବର ଜନକଲାଲ ମେହେର, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୈତାରୀ ସ୍ୱାଇଁ, ସୁନୀଲ କୁମାର ସିହ୍ନା, ଫକୀର ମୋହନ ରଣା, ସରପଞ୍ଚ ଦିଲ୍ଲୀପ କୁମାର ବେହେରା, ପାଲାଗୁରୁ ପ୍ରହ୍ଲାଦ ହଂସ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ । ମାଟ୍ରିକ ପରୀକ୍ଷାରେ ଏକ ନମ୍ବର ଛାତ୍ରଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାୟାଧର ପୁରୋହିତଙ୍କ ନାମରେ ଏକ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଖେଳ ପ୍ରତିଯୋଗିତାର ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସ୍କୁଲ କମିଟି ଓ ସହକାରୀ ଶିକ୍ଷକ ଉସତ୍ୱ ଲାଲ ବେଣ୍ଟକାର, ରଞ୍ଜିତ କୁମାର ସା, ପ୍ରଦ୍ୟୁମ୍ନ ବରିହା, ଯାଜ୍ଞସେନୀ ସାହୁ, ମମତା ଭୁଏ, ସେବତୀ କିଷାନ,ତୃପ୍ତିମୟୀ ଧରୁଆ,ସୁମନ୍ତ ଧରୁଆ, ସୁବାସିନୀ ବାରିକ ସହଯୋଗ କରିଥିଲେ।

# କ୍ରିଷ୍ଣା ବିକାଶ ବିଦ୍ୟାଳୟରେ ଅର୍ଥନୀତି ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ

**ବରଗଡ଼,୨୧।୧୨(ସମିସ)**



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ପଞ୍ଚଦିନିଆ ଅର୍ଥନୀତି ଶିକ୍ଷକ ତାଲିମ ଶିବିର, ମହେନ୍ଦ୍ର ପ୍ରସାଦ ବେହେରା, ଉପସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ସମ୍ବଲପୁରଙ୍କ ତତ୍ତ୍ୱାବଧାନରେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ରେ ଉଦଘାଟିତ ହୋଇଯାଇଛି । ପ୍ରଥମ ଅଧିବେଶନରେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରି ସଭା ପରିଚାଳନା କରିଥିଲେ । ମୁଖ୍ୟଅତିଥି ଡକ୍ଟର ଉମାଚରଣ ପତି, ଉପକୁଳସଚିବ ତଥା ବିଭାଗ ମୁଖ୍ୟ, ଅର୍ଥନୀତି ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଯୋଗଦେଇଥିଲେ। ଅନ୍ୟତମ ମୁଖ୍ୟଅତିଥି ପତିତପାବନ ସାହୁ, ପୂର୍ବତନ ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼ ଯୋଗଦାନ କରିଥିଲେ। ଅଧିବେଶନରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଷୟ ବିଶେଷଜ୍ଞଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସୁଚାରୁ ରୂପେ ଆଗେଇ ଚାଲିଥିଲା। ଡକ୍ଟର ଡି.ପି. ପ୍ରିୟଦର୍ଶୀ ଯୋଶୀ, ଅସିଷ୍ଟାଣ୍ଟ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବଦ୍ୟାଳୟ, ରେଭିନ୍ୟୁ ଏଣ୍ଡ ସପ୍ଲାଏ, ଉପରେ ଆଲୋକପାତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ସୂରଜ୍ ବଡାଇକ,ଅସିଷ୍ଟାଣ୍ଟ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,, ସେକ୍ଟରାଲ ଡେଭଲପମେଣ୍ଟ , ଏଗ୍ରିକଲଚର୍, ଇଣ୍ଡଷ୍ଟ୍ରି ଉପରେ ଏବଂ ଡକ୍ଟର ଚିତ୍ରସେନ ଭୁଏ,ବିଭାଗ ମୁଖ୍ୟ, ଅର୍ଥନୀତି ବିଭାଗ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି, ସେକ୍ଟରାଲ ଡେଭଲପମେଣ୍ଟ : ଇନ୍ଫ୍ରାଷ୍ଟ୍ରକଚର୍, ଫରେନ୍ ଟ୍ରେଡ୍ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୪୦ଟି ମହାବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ।

# ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଝାରସୁଗୁଡ଼ା, ୨୧।୧୨(ସମିସ):** ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଝାରସୁଗୁଡ଼ା ଗସ୍ତ ଅବସରରେ ଜିଲ୍ଲାର ତିନି ପୌରପାଳିକା ଅଧୀନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ଜିଲ୍ଲାର ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ତିନି ପୌରପାଳିକା ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ



ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ପୂର୍ବକ ସହରବାସୀଙ୍କୁ ପାନୀୟ ଜଳ, ରାସ୍ତା ଓ ବିଜୁଳି ସେବା ଯୋଗାଇବା ଦିଗରେ ଯତ୍ନବାନ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଝାରସୁଗୁଡ଼ା ସମେତ ରାଜ୍ୟର ତିରିଶ ଜିଲ୍ଲା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ବିଧାୟକ ଶ୍ରୀ ତ୍ରିପାଠୀ ସହରାଞ୍ଚଳରେ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅନୁପାତରେ ଜାଗା ନଥିବା ଦୃଷ୍ଟିରୁ ଆପାର୍ଟମେଣ୍ଟ ଭିତ୍ତିକ ବାସଗୃହ ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଝାରସୁଗୁଡ଼ା ସହରରେ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ପୁରୁଣା ବସଷ୍ଟାଣ୍ଡରୁ ଝଣ୍ଡାଚୌକ ପର୍ଯ୍ୟନ୍ତ ସୁଗମ ଯାତାୟାତ ବ୍ୟବସ୍ଥା, ହର୍ ଘର୍ ନଳ ଯୋଜନାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ଝାରସୁଗୁଡ଼ା ପୌରପାଳିକା ପ୍ରଶାସନିକ ଭବନ ପାଇଁ ବ୍ୟବସ୍ଥା, ଝାରସୁଗୁଡା ସହରାଞ୍ଚଳରେ ସର୍ବସାଧାରଣଙ୍କ ସକାଶେ ନିର୍ମିତ ଶୌଚାଳୟ ବ୍ୟବହାର ଉପଯୋଗୀ କରାଯିବା, ସହରାଞ୍ଚଳର ୱାର୍ଡମାନଙ୍କରେ ପାନୀୟ ଜଳ ଯୋଗାଇବା ପାଇଁ ବିଛା ଯାଇଥିବା ପାଇପ ତଦାରଖ ଏବଂ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ, ସହରାଞ୍ଚଳରେ ସଫେଇ ବ୍ୟବସ୍ଥା ଠିକ ଭାବରେ କାର୍ଯ୍ୟକାରୀ କରାଯିବା ଏବଂ ଠିକ ଭାବରେ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବ୍ରଜରାଜନଗର ଓ ବେଲପାହାଡ଼ ପୌରପାଳିକାର ବିଭିନ୍ନ ୱାର୍ଡ଼ରେ ରାସ୍ତା, ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ

ଜିଲ୍ଲାପାଳ ତିନି ପୌରପାଳିକା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ତିନି ପୌରପାଳିକାର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଦେବଗଡ଼, ୨୧।୧୨(ସମିସ): ରିଆମାଳ ବ୍ଲକ ସଦରମହାକୁମାସ୍ଥିତ ଜଣେ ବ୍ୟକ୍ତିଙ୍କ ଘରଛାତ ଉପରେ ଲୁହା ପାଇପ ୱେଲଡିଙ୍ଗ କରୁଥିବା ବେଳେ ଘର ଉପର ଦେଇ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ୱେଲଡରଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣରେ ସହଯୋଗୀ ମାଲିକ ମଧ୍ୟ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ତିମୂର ଗ୍ରାମର ଅରକ୍ଷିତ ବାଘ ୱେଲଡର ମାଲିକ ହୃଷିକେଶ ସାହୁଙ୍କ ସହ ଅର୍ଜୁନ ପ୍ରଧାନଙ୍କ ଛାତରେ ସେଡ ନିର୍ମାଣ ପାଇଁ ଲୁହା ପାଇପ ୱେଲଡିଂ କରୁଥିଲେ। ଛାତ ଉପରଦେଇ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଲୁହା ପାଇପ ଆସିବାରୁ ଅରକ୍ଷିତ ଓ ହୃଷିକେଶ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ ଘର ମାଲିକ ଚିକିତ୍ସା ପାଇଁ ପ୍ରଥମେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ସେଠାରେ ଡାକ୍ତର ଅରକ୍ଷିତକୁ ମୃତ ଘୋଷଣା କରିଥିଲେ। ଗୁରୁତର ହୃଷିକେଶଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ପାଇ ରିଆମାଳ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାସ୍ତରୀୟ ମନ୍ଥନ ଶିବିର



**ଦେବଗଡ଼, ୨୧।୧୨(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀଙ୍କ ଆବାହକତ୍ୱ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଧରତୀ ଆବ୍ୱା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଜିଲ୍ଲାସ୍ତରୀୟ ମନ୍ଥନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଆସିଥିବା ପ୍ରୋଜେକ୍ଟ ଅଧିକାରୀ ପିଭିଟିଜି ବିନୟ କୁମାର ଦାସ ଓ ଡାଟା ମ୍ୟାନେଜର ରାଜୀବ ନାଗ ଯୋଗଦେଇ ଏସମ୍ପର୍କରେ ଲୋକପାତ କରିଥିଲେ। ବୈଠକରେ ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରଥ ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଅତିରିକ୍ତ ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ଶିଶିର ପୋହାଣ, ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ପଣ୍ଡା, ଅତିରିକ୍ତ ମଙ୍ଗଳ ଅଧିକାରୀ ଉତ୍ସବ ଚରଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨୧।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଝାରସୁଗୁଡ଼ାସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଓକିଲ ସଂଘ ସଭାପତି ରାଧାକାନ୍ତ ସା ଓ ସମ୍ପାଦକ ମନିଷ ବାଜପେୟୀ ଅତିଥି ଭାବେ ଯୋଗଦେଇଥିଲେ। ଡିଏସପି ବନିତା ମାଝୀ, ଡିପିଏଚଓ ଡା. ମଧୁଲିତା ସାହୁ, ସମାଜ ମଙ୍ଗଳ କଲ୍ୟାଣ ଅଧିକରୀ ପୂଣ୍ୟବତୀ ହେଲେନ ଖେସ ତଥା ପୂର୍ବତନ ଶିଶୁ ମଙ୍ଗଳ ଅଧକ୍ଷ୍ୟା ଆନନ୍ଦିନୀ ପାଢ଼ୀ, ବରିଷ୍ଠ ଆଇନଜୀବୀ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକ, ମେଡିକାଲ ଅଫିସର, ଚାଇଲ୍ଡଲାଇନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ତାଲିମଦାତା ଭାବେ ଅରୁଣ କୁମାର ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚୂଡ଼ାମଣୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



## ଏମ୍‌ସିଏଲ୍ ଇଣ୍ଟର ଏରିଆ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା; ଜଗନ୍ନାଥ ଏରିଆ ଟିମ୍ ଚାମ୍ପିଅନ



**ଇବଥର୍ମାଲ, ୨୧।୧୨(ସମିସ):** ଏମ୍‌ସିଏଲ୍ ପକ୍ଷରୁ ଲଖନପୁର କୋଇଲା କ୍ଷେତ୍ର ଇନ୍ଦ୍ରଧନୁ କ୍ଲବଠାରେ ଆୟୋଜିତ ଇଣ୍ଟର ଏରିଆ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜଗନ୍ନାଥ ଏରିଆ ଟିମ୍ ଚାମ୍ପିଅନ ହୋଇଛି। ଏଥିରେ ଏମ୍‌ସିଏଲର ୧୩ଟି ଏରିଆର ବିଭିନ୍ନ ବର୍ଗରେ ମୋଟ ୧୨୦ଖେଳାଳୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଗତ ୧୯ତାରିଖରୁ ଏହା ଆରମ୍ଭ ହୋଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଓପନ ସିଙ୍ଗିଲ ଚାମ୍ପିଅନ ହିଙ୍ଗୁଳା ଏରିଆ ଯୁଧିଷ୍ଠିର ସାହୁ, ଓପନ ଡବଲରେ ବିଶ୍ୱଜିତ ବେହେରା, ଜଗନ୍ନାଥ ଏରିଆ ଓ ଯୁଧିଷ୍ଠିର ସାହୁ ହିଙ୍ଗୁଳା ଏରିଆ ଜୋଡ଼ି ଚାମ୍ପିଅନ ହୋଇଥିଲେ। ସେହିପରି ଭେଟେରେନ୍ ଡବଲରେ ହିଙ୍ଗୁଳା ଏରିଆ ମିଲନ କୁମାର ସାହୁ, ଭରତପୁର ଏରିଆ ପ୍ରଫୁଲ୍ଲ କୁମାର ବାରିକ ଚାମ୍ପିଅନ ହୋଇଥିଲେ। ମହିଳା ବର୍ଗ ସିଙ୍ଗିଲରେ ରାନୁ ମିନା ଏମ୍‌ସିଏଲ ମୁଖ୍ୟ କାର୍ଯ୍ୟାଳୟ, ମହିଳା ଡବଲରେ ଦମୟନ୍ତି ସାହୁ ଓ ସ୍ମୃତି ଭି ଶଶିଧରନ ହିଙ୍ଗୁଳା ଏରିଆ ଚାମ୍ପିଅନ ହୋଇଥିଲେ। ଭେଟ୍‌ରାନ ସିଙ୍ଗିଲରେ ପ୍ରଫୁଲ୍ଲ କୁମାର ବାରିକ ଭରତପୁର ଏରିଆ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ ମହାପ୍ରବନ୍ଧକ ୱେଲଫେୟାର ସନ୍ଦୀପ କୁମାର ସାହା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଓସିଏମଏସ୍ କର୍ପୋରେଟ ମେମ୍ବର ରବୀନ୍ଦ୍ର ପ୍ରସାଦ, ଏଚ୍‌ଏମ୍‌ଏସ୍ କର୍ପୋରେଟ ଜେସିସି ମେମ୍ବର ଶଙ୍କର ପ୍ରସାଦ ବେହେରା, ଆଇଏମ୍‌ଡବ୍ଲୁଏଫ୍ ଜେସିସି ମେମ୍ବର, ବିଏମ୍‌ଏସ୍ ଜେସିସି ମେମ୍ବର ସୁଜିତ କୁମାର ଝା, ରଞ୍ଜନ ବେହେରା, ସିଷ୍ଟା ଶ୍ରମିକ ସଂଗଠନରୁ ଅକାଲୁ ରାମ, ଓପି କୁମାର, ଇବ୍ କୋଲ ୱାସେରି ଜିଏମ୍ ସତ୍ୟଭୂଷଣ ବାରିକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଲଖନପୁର କୋଇଲା କ୍ଷେତ୍ର ସମସ୍ତ ଶ୍ରମିକ ସଂଗଠନର ପଦାଧିକାରୀ ଓ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ। ଜନସମ୍ପର୍କ ଅଧିକାରୀ ଗଙ୍ଗାଧର ପାଲି ମଞ୍ଚ ସଞ୍ଚାଳନ କରିଥିଲେ।

## ଶ୍ରୀଗଣେଶଙ୍କ ସ୍ଥାୟୀମଣ୍ଡପ ନିର୍ମାଣ ପାଇଁ ଜାଗା ଯୋଗାଇଲା ପୌରପରିଷଦ

ଦେବଗଡ଼, ୨୧।୧୨(ସମିସ): ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟିର ଦୀର୍ଘଦିନର ଆଶାକୁ ପୌରପରିଷଦ ପୂରଣ କରିଛି। ଦେବଗଡ଼ ପୌର ପରିଷଦ ଅଧୀନ ଦୈନିକ ପୁରୁଣା ପରିବା ବଜାରରେ ୧୯୪୯ ମସିହାରୁ ଅସ୍ଥାୟୀ ମଣ୍ଡପରେ ପ୍ରତିବର୍ଷ ଶ୍ରୀ ଗଣେଶଙ୍କ ପୂଜାସହ ମେଳା ଆୟୋଜିତ ହୋଇଆସୁଥିବାବେଳେ ଉକ୍ତ ସ୍ଥାନରେ ପ୍ରଭୁଙ୍କ ସ୍ଥାୟୀ ମୂର୍ତ୍ତି ଓ ମଣ୍ଡପ ସ୍ଥାପନ ପାଇଁ କମିଟି ଚାହିଁଥିଲା। ଚଳିତ ବର୍ଷ ମେଳା ଆୟୋଜନ ପରେ କମିଟି ପକ୍ଷରୁ ପୌରପରିଷଦକୁ ଉକ୍ତ ସ୍ଥାନରେ ଶ୍ରୀ ଗଣେଶଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ସ୍ଥାନ ଯୋଗାଇବାକୁ ଅନୁରୋଧ କରାଯାଇଥିଲା। କମିଟିର ଅନୁରୋଧକୁ ରକ୍ଷା କରି ପୌର ପରିଷଦର ସାଧାରଣ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଓ କମିଟି ସଭାପତି ଉମାଶଙ୍କର ସାହୁ ଓ ସମ୍ପାଦକ ସୁରଞ୍ଜିତ କୁମାର ମହାପାତ୍ରଙ୍କୁ ରେଜେଷ୍ଟ୍ରି କାର୍ଯ୍ୟାଳୟରେ ପୌରପରିଷଦ ଅଧୀନ ପୁରୁଣା ଦୈନିକ ବଜାର ଜାଗାରୁ ୧୨୪୩ ବର୍ଗଫୁଟ ଜାଗାକୁ ମାସିକ ୬ ହଜାର ଟଙ୍କା ଭଡ଼ା ସୂତ୍ରରେ ୨୦ ବର୍ଷ ପାଇଁ ରେଜେଷ୍ଟ୍ରି ଡିଡ ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ପୌର ପରିଷଦକୁ ପୂଜାମଣ୍ଡପ ଭଡ଼ା ବାବଦକୁ ଏକବର୍ଷ ପାଇଁ ଅଗ୍ରିମ ୭୨ ହଜାର ଟଙ୍କା ପଇଠ କରାଯାଇଥିବା ଜଣାପଡ଼ିଛି। ସ୍ଥାୟୀ ମଣ୍ଡପ ନିର୍ମାଣ ଓ ସ୍ଥାୟୀ ମୂର୍ତ୍ତି ସ୍ଥାପନ ସହ ପ୍ରତ୍ୟହ ବିଘ୍ନ ବିନାଶକଙ୍କ ଆରାଧନା ପାଇଁ ଇଚ୍ଛା କରିଥିବା ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହେବ। କମିଟି ପକ୍ଷରୁ ସଭାପତି ଉମାଶଙ୍କର ସାହୁ, ସମ୍ପାଦକ ସୁରଞ୍ଜିତ କୁମାର ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଜିଲ୍ଲାବାସୀଙ୍କ ପକ୍ଷରୁ ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ପୌରଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ସମେତ ସମସ୍ତ ପୌର ପାରିଷଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ

ଝାରସୁଗୁଡ଼ା, ୨୧।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏଚ୍‌କଟାପାଲିରେ ଶନିବାର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ଖେଳକୁଦରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ମହୋତ୍ସବରେ ମନର ବିକାଶ ପାଇଁ କ୍ରୀଡ଼ା ଏକ ମହତ୍ୱପୂର୍ଣ୍ଣ ଅଂଶ ତେଣୁ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ। ଅପରାହ୍ଣରେ ଖେଳକୁଦରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା କୃତୀ ଖେଳାଳିଙ୍କୁ ଅଧ୍ୟକ୍ଷା ଦୀପ୍ତି ଡୁଙ୍ଗଡୁଙ୍ଗ ଏବଂ ଅତିଥିଙ୍କ ଦ୍ୱାରା ମେଡାଲ ଓ ପୁରସ୍କାର ବିତରଣ କରାଯାଇଥିଲା। କନିଷ୍ଠ ବାଳକ ବର୍ଗରୁ ଆୟୁଷ ନାୟକ, ବରିଷ୍ଠ ବାଳକ



ହକିସଂଘ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରିକେଟ ସଂଘ ଝାରସୁଗୁଡ଼ାର ସଭାପତି ପ୍ରଜ୍ୱଳ ପଟେଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣରେ ସୁସ୍ଥ ଶରୀର ଓ ବର୍ଗରୁ ଖୋଦାମୋହନ ରନବିଡା ଏବଂ ବରିଷ୍ଠ ବାଳିକା ବର୍ଗରୁ ମନୀଷା ଖଡିଆ ଚାମ୍ପିଅନ ହୋଇଥିଲେ। ସୁବର୍ଣ୍ଣରେଖା ହାଉସ ସର୍ବୋଚ୍ଚ ହାଉସ ହିସାବରେ ବିବେଚିତ ହୋଇଥିଲା। ଶେଷରେ ଗୁଲସନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ପ୍ରସ୍ତୁତି

**ଦେବଗଡ଼, ୨୧।୧୨(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବୃହତ ଓ ମଧ୍ୟମ ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମୁଣ୍ଡାଙ୍କ ଆବାହକତ୍ୱ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଡିସେମ୍ବର ୨୨ ତାରିଖରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଜଳସେଚନ ବିଭାଗ ଓ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜିଲ୍ଲାର ବ୍ଲକ ଓ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲାସ୍ତରରେ ଡିସେମ୍ବର ୨୯ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଧାରଣ ସଭା ସହ କୃଷି ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ବିଭାଗ, ଜଳ ବିଭାଜିକା, କୃଷି ବିଜ୍ଞାନ କେନ୍ଦ୍ର ଓ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ବିଭାଜନସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳା କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଡିସେମ୍ବର ୨୨ ତାରିଖ ରବିବାର ପାଣି ପଞ୍ଚାୟତ ପକ୍ଷ ପାଳନର ସଭା କାର୍ଯ୍ୟକ୍ରମ ହେବ। ବୈଠକରେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ, କ୍ଷୁଦ୍ର ଜଳ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିରେଖା ଚାଟା, କନିଷ୍ଠ ଯନ୍ତ୍ରୀ ସୁମିତ୍ରା ଗନ୍ଧର୍ବ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

● ଦାଉସାଧିଲା ଲଘୁଚାପ ବର୍ଷା

## ଧାନ ଫସଲ କ୍ଷତି; ପିଆଜ ଓ ରସୁଣ ଚାରା ନଷ୍ଟ

ଦେବଗଡ଼, ୨୧।୧୨(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଞ୍ଚଳରେ ଦୁଇଦିନ ଧରି ଲଘୁଚାପ ଜନିତ ଝିପିଝିପି ବର୍ଷାସହ କୋହଲା ପାଗ ଯୋଗୁଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷୀଙ୍କର ଅମଳକ୍ଷମ ଧାନ



ଫସଲ କ୍ଷତି ହେବାସହ ପିଆଜ ଓ ରସୁଣ ଚାରା ବ୍ୟାପକ ନଷ୍ଟ ହୋଇଥିବା ଜଣାପଡ଼ିଛି। ୧୪୦ ଦିନରୁ ୧୫୫ ଦିନିଆ ଧାନକୁ ଚାଷୀ ବର୍ତ୍ତମାନ ସୁଦ୍ଧା ଅମଳ କରି ନଥିବାବେଳେ ଜମି ହିଡ଼ରେ ଧାନବିଡ଼ା ପଡ଼ିରହିଛି। ବର୍ଷା ଯୋଗୁଁ ଏହା ନଷ୍ଟ ହେବା ସହିତ ପିଆଜ ଚାରା ମଧ୍ୟ ନଷ୍ଟ ହୋଇଛି। ସେହିପରି ବର୍ଷା ସହ କୋହଲା ପାଗ ଯୋଗୁଁ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳରେ ରସୁଣ ଚାଷ ପାଇଁ ରସୁଣର କେଜି ପ୍ରତି ୪୦୦ ଟଙ୍କାରେ ଚାଷୀ କ୍ରୟ କରି ଚାଷ କରିଥିବାବେଳେ ବର୍ଷା ଯୋଗୁଁ ରସୁଣ ଚାଷ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଏସମ୍ପର୍କରେ ପଞ୍ଚାୟତ କୃଷି ଅଧିକାରୀ କ୍ଷେତ୍ରବାସୀ ପ୍ରଧାନଙ୍କ ମତାମତ ନେବାରୁ ଆସନ୍ତା ସୋମବାର ଠାରୁ କ୍ଷୟକ୍ଷତି ଆକଳନ କରାଯିବ। ବ୍ଲକ କୃଷି ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ମତପ୍ରକାଶ କରିଛନ୍ତି।

## ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟକୁ ନାକ୍ ବି+ ମାନ୍ୟତା

**ଝାରସୁଗୁଡ଼ା, ୨୧।୧୨(ସମିସ):** ଝାରସୁଗୁଡ଼ାର ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟକୁ ନାକ୍ ବି+ ମାନ୍ୟତା ମିଳିବା ପରେ ଅନୁଷ୍ଠାନ ସହିତ ଜଡ଼ିତ ସମସ୍ତଙ୍କ ମନରେ ତଥା ଜିଲ୍ଲାର ଶିକ୍ଷାପ୍ରେମୀ ତଥା ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଗତ ଡିସେମ୍ବର ୯ ଓ ୧୦ ତାରିଖ ଦୁଇଦିନ ଧରି ନାକ୍ ପକ୍ଷରୁ ଚେୟାରମ୍ୟାନ ଭାବେ ବନାରସ ହିନ୍ଦୁ ୟୁନିଭର୍ସିଟିର ପ୍ରାକ୍ତନ ପ୍ରଫେସର ତଥା ଅମ୍ବିକାପୁର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ କୁଳପତି ଡ. ଅଶୋକ ସିଂହ, ସଂଯୋଜକ ଭାବରେ ଗୋଆ ବିଜନେସ ମ୍ୟାନେଜମେଣ୍ଟ ସ୍କୁଲର ଅର୍ଥନୀତି ପ୍ରଫେସର ଡ. ଶରତ ଚନ୍ଦ୍ରନ ବିପି ଓ ସଦସ୍ୟ ଭାବରେ ପଞ୍ଜାବ ସନାତନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ପ୍ରଫେସର ଡ. ରାଜୀବ କୁମାର ଯୋଗଦେଇ ମହାବିଦ୍ୟାଳୟର ସମ୍ପୃକ୍ତ ସମସ୍ତ ଉପଲବ୍ଧି ଉପରେ ତାଦରକ କରିବା ସହିତ ଅଧ୍ୟକ୍ଷା ଡ.ସ୍ନେହଲତା ମିଶ୍ର, ଆଇକ୍ୟୁଏସି ସଂଯୋଜକ ପ୍ରାଧ୍ୟାପକ ତପନ କୁମାର ବାରିକ, ନାକ୍ ସଂଯୋଜକ ଡ.ସ୍ୱର୍ଣ୍ଣମୟୀ ପୁରୋହିତ, ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷା ଶ୍ରୀମତୀ ବଳବିନ୍ଦର କୌର, ବର୍ତ୍ତମାନର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ସଂଘ ଆଦିଙ୍କ ସହିତ ଆଲୋଚନା କରିଥିଲେ। ବିଗତ ପାଞ୍ଚବର୍ଷ ମଧ୍ୟରେ ମହାବିଦ୍ୟାଳୟରେ ହୋଇଥିବା ବିକାଶ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଗତକାଲି ନାକ୍ ଶୀର୍ଷ କମିଟି, ବାଙ୍ଗାଲୋର ଠାରେ ଅନୁଷ୍ଠିତ ହୋଇଥିବା ବୈଠକରେ ମହାବିଦ୍ୟାଳୟକୁ ବି+ ମାନ୍ୟତା ମିଳିବା ଖବର ପରେ ମହାବିଦ୍ୟାଳୟରେ ଉତ୍ସବର ମହୋଲ ସୃଷ୍ଟି ହୋଇଛି।

## ଆଦର୍ଶ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼, ୨୧।୧୨(ସମିସ):** ଜିଲ୍ଲା ପୁଲିସ ପକ୍ଷରୁ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଓ ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିରାପଦ ଯାତ୍ରା ପାଇଁ ରାସ୍ତାର ବିଭିନ୍ନ ଟ୍ରାଫିକ ନିୟମାବଳୀ, ମୋଟରଯାନର ନିୟମାବଳୀ ଓ ଦଣ୍ଡବିଧାନ ସମ୍ପର୍କରେ ସଚେତନ କରିଥିଲେ। ଜିଲ୍ଲା ପୁଲିସ ପକ୍ଷରୁ ଟ୍ରାଫିକ ସଚେତନତା କୁ ନେଇ 'ଜିରୋ ଫାଟାଲିଟି' ସନ୍ଦର୍ଭରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ




କରାଯାଇଥିଲା। ଅଧ୍ୟକ୍ଷ ଡଃ ବିଜୟ କୁମାର ମହାରଣା ଜିଲ୍ଲା ପୁଲିସର ଅଧିକାରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖାର ସଂଯୋଜକ ଦାମୋଦର ନାୟକ, ଜାତୀୟ ସେବା ସଂସ୍ଥାର ଅଧିକାରୀ ଅଧ୍ୟାପିକା ସୁଦେବି ଗିରି, ପୁଲିସ ଉପ ନିରୀକ୍ଷକ ଦିବ୍ୟ ଓରାମଙ୍କ ସମେତ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ପୁଲିସ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ବିଭିନ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ସଂକଳ୍ପ ହିଁ ସଫଳତା ଆଣିଥାଏ'

**ଇବଥର୍ମାଲ, ୨୧।୧୨(ସମିସ):** ବିଦ୍ୟାର୍ଥୀର ଉପାସନା ସହ ଉପଯୁକ୍ତ ଜ୍ଞାନ ଆହରଣ କରିବା, ସନ୍ୟାସୀ ଜୀବନଧାରଣ ସହିତ ଉତ୍ତମ ଚରିତ୍ର ଗଠନ ଦିଗରେ ସର୍ବଦା ଚେଷ୍ଟା ଜାରି ରହିବା ଆବଶ୍ୟକ। 'ସଂକଳ୍ପ ହିଁ ସଫଳତା ଆଣିଥାଏ' ବୋଲି ଲଖନପୁର ଶିକ୍ଷା ବ୍ଲକ ଅଧୀନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପିପିଲିକାନୀର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ମୁଖ୍ୟବକ୍ତା ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅବସରପ୍ରାପ୍ତ ପ୍ରାଧ୍ୟାପକ ନରେନ୍ଦ୍ର କୁମାର ପଧାନ, ସମ୍ମାନିତ ଅତିଥି ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ବରଗଡ଼ର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁନିଲ କୁମାର ଦେବତା, ଜୁନିୟର କଲେଜ ବେଲପାହାଡ଼ର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୋଳାନାଥ ବଡ଼େଇ



ପ୍ରମୁଖ ଉପସ୍ଥିତ ଥିଲେ। ଅବସରରେ ବାର୍ଷିକ ପତ୍ରିକା 'ପଣତକାନୀ' ଉନ୍ମୋଚନ କରାଯାଇଥିଲା। ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ପ୍ରଜ୍ଞାଦିପ୍ତୀ ଦାସ ଓ ଶିକ୍ଷୟିତ୍ରୀ ସୁନୀତା ଧୁରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନାଚଗୀତ ପ୍ରଦର୍ଶନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞାଦିପ୍ତୀ ଦାସ ଓ ଶ୍ରଦ୍ଧାଞ୍ଜଳୀ ମହାନନ୍ଦଙ୍କ ସମେତ ଛାତ୍ରୀ ମଞ୍ଜରୀ ଭୋଇ ଓ ସୁନୟନା ମିଶ୍ର ପରିଚାଳନା କରିଥିଲେ। ଆୟୋଜନ ଓ ପରିଚାଳନା ଦିଗରେ ଶିକ୍ଷକ କ୍ଷେତ୍ରବାସୀ ବିଶ୍ୱାଳ, ହୃଷିକେଷ ଦାସ, ଆନନ୍ଦ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରଭାରାଣୀ ଚାନ୍ଦ, ସ୍ନିଗ୍ଧାମୟୀ ସାହୁ, ଗୀତ ଭୋଇ ଓ ପ୍ରିୟମ୍ବଦା ସରାଫ ପ୍ରମୁଖ ସହଯୋଗ କରିଥିଲେ।

**ଝାରସୁଗୁଡ଼ା:** ରେମଣ୍ଡା ପଞ୍ଚାୟତସ୍ଥିତ ରେମଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ହିରାଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଗତି ଓ ବିକାଶର ମାଧ୍ୟମ ହେଉଛନ୍ତି ଛାତ୍ରଛାତ୍ରୀ, ଏଣୁ ଛାତ୍ରଛାତ୍ରୀ ହିଁ ବିଦ୍ୟାଳୟ ଉନ୍ନତିର ପଥ ତିଆରି କରନ୍ତି ଓ ସେମାନେ ଆଗାମୀ ପିଢ଼ିକୁ ଉଦାହରଣ ସୃଷ୍ଟି କରନ୍ତି ବୋଲି ବକ୍ତାମାନେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବରେ ରେମଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ମୁଖ୍ୟବକ୍ତା ଭାବରେ ପଣ୍ଡରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଖରାଂଶୁ କିରଣ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପରିଚାଳନା କମିଟି ସଭାପତି ରାଧାକାନ୍ତ ମାଝୀ, ବର୍ତ୍ତମାନ ପରିଚାଳନା କମିଟି ସଭାପତି ବେଦବ୍ୟାସ ପ୍ରଧାନ, ସଦସ୍ୟ ଲଳିତ କୁମାର ଦାନୀ, ଏସଏମ୍‌ସି ସଭାପତି ହିରାମତି ଭୋଇ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ବିରାଟରାଜା ପ୍ରଧାନ, ମହତାବ ସା, ଦିଲ୍ଲୀପ ସା, ପୂର୍ବତନ ଖେଳଶିକ୍ଷକ ନେପାଳଚନ୍ଦ୍ର ଦେଓ, ଗୁଧିଆଲି ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ପ୍ରଦୀପ ପ୍ରଧାନ, ନାଏବ ସରପଞ୍ଚ ସେବତୀ ପେରେ ପ୍ରମୁଖ ଉପସ୍ଥିତ ଥିଲେ। ତୁଷାର ବିଶ୍ୱାଳ, ବଳିକା ବିଭାଗରେ ଶ୍ରେଷ୍ଠ ପାରଦର୍ଶିତା ପାଇଁ ଯୋଗେଶ୍ୱରି ରଣା, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବରେ ରୋଜାଲିନ ରଣା, ଦଶମ ଶ୍ରେଣୀର ଉଲ୍ଲେଖନୀୟ କୃତିତ୍ୱ ପାଇଁ ଆହୁତି ସା, ନବମ ଶ୍ରେଣୀର ରଞ୍ଜିତା ଧୁରୁଆ, ଅଷ୍ଟମ ଶ୍ରେଣୀର ଆଫ୍ରିନ ପରୱିନ ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ସୁଦାମା ଚରଣ ମେହେର ଓ ସୁଧାଂଶୁ ଶା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହିନ୍ଦୀ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, ଖେଳ ଶିକ୍ଷକ ଜଣାନନ୍ଦ ରଣା, ରାଜାରାମ ପ୍ରଧାନ, ନରୋତ୍ତମ ଭୋଇ, ପ୍ରମୋଦ କୁମାର ମିଶ୍ର, ପଦ୍ମଲୋଚନ ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ।

